ସାପ୍ତାହିକ
Postal Regd. No.: SBP/14/2019-2021
ସ୍ୱୀକାର
The Sweekar स्वीकार
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 1 | 3 - 9 January 2021 | Sambalpur | Page-12 | Invitation Price Rs.10

# ଗାନ୍ଧୀ ଜୀବନାଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ନୃସିଂହ ଗୁରୁ: ପ୍ରତାପ ଷଡଙ୍ଗୀ

ସମ୍ବଲପୁର : ମହାତ୍ମା ଗାନ୍ଧୀଙ୍କ ଜୀବନାଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ନୃସିଂହ ଗୁରୁ। ନିଚ୍ଛକ ଗାନ୍ଧୀ ପ୍ରେମୀ ହୋଇ ଗାନ୍ଧୀଜୀଙ୍କ ଆଦର୍ଶ-ଶିକ୍ଷା ଓ ସଂସ୍କାରକୁ ସେ ବାସ୍ତବତାର ରୂପ ଦେଇଥିଲେ ବୋଲି କେନ୍ଦ୍ର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପଶୁପାଳନ, ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ପାଳନ ବିଭାଗ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ କହିଛନ୍ତି।



ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ସ୍ଥାନୀୟ ପାନ୍ଥନିବାସ ଠାରେ ଆୟୋଜିତ ୩୭ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ ଷଡଙ୍ଗୀ କହିଥିଲେ ଯେ, ନୃସିଂହ ଗୁରୁ ଚାହିଁଥିଲେ ବିଳାସପୂର୍ଣ୍ଣ ଜୀବନ ଯାପନ କରିପାରି ଥାଆନ୍ତେ। ମାତ୍ର ବାଲ୍ୟାବସ୍ଥାରୁ ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନୃସିଂହ ଗୁରୁ ଆଜୀବନ ଦେଶ ସେବାରେ ବ୍ରତି ରହିଲେ। ହରିଜନ ସେବା, ନିଶା ନିବାରଣ, ରୋଗୀ ସେବା, ରିଲିଫ ବଣ୍ଟନ ଭଳି ଗଠନମୂଳକ କାର୍ଯ୍ୟ କରି ସେ ନିଜର ଜୀବନକୁ ସାର୍ଥକ କରିଥିଲେ। ତାଙ୍କ ଭଳି ଜଣେ ଯୋଗଜନ୍ମା ପୁରୁଷ ସମାଜ ପାଇଁ ଚିର ପ୍ରେରଣାର ସ୍ରୋତ ବୋଲି ଶ୍ରୀ ଷଡଙ୍ଗୀ କହିଥିଲେ। ସ୍ମୃତି ସମିତିର ସଭାପତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ବଲପୁର ଲୋକସଭା ସାଂସଦ ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସଭାରେ ସ୍ମୃତି ସମିତିର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଶ୍ୟାମ ସୁନ୍ଦର ଧର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତିର ଉପ-ସଭାପତି ଅରବିନ୍ଦ ମହାପାତ୍ର ନୃସିଂହ ଗୁରୁଙ୍କ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିବା ବେଳେ ପ୍ରଫେସର ଶଙ୍କର ପ୍ରସାଦ ପତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ସମିତିର ଯୁଗ୍ମ ସମ୍ପାଦକ କାର୍ତ୍ତିକ ପ୍ରସାଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଉତ୍ସବରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଭବାନୀଶଙ୍କର ହୋତା, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପଶ୍ଚିମ ଓଡ଼ିଶା ପ୍ରାନ୍ତ ମୁଖ୍ୟ ଅଧ୍ୟାପକ ବିପିନ ବିହାରୀ ନନ୍ଦ, ଡକ୍ଟର ସୁଦର୍ଶନ ପୂଜାରୀ, ଲାଲା ଲଜପତରାୟ ଆଇନ କଲେଜର ଅଧ୍ୟକ୍ଷ ଡକ୍ଟର ବିଜୟା ନନ୍ଦ ବେହେରା, ଡକ୍ଟର ନନ୍ଦ କିଶୋର ଦେବତା, ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଓ ଡାକ୍ତର ଦୁର୍ଗା ଶଙ୍କର ଶତପଥି, ପୂର୍ବତନ ନଗରପାଳ ଗିରିଶ ପଟେଲ, ଜିଲ୍ଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ ପ୍ରମୁଖଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।















## ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ନୃସିଂହ ଗୁରୁଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ



ସକାଳେ ମନ୍ଦଲିଆ ସ୍ଥିତ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳମତ ନିର୍ବିଶେଷରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ମାଲ୍ୟାର୍ପଣ ପୂର୍ବକ ସ୍ୱର୍ଗତ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ସ୍ମୃତି ସମିତିର ଉପସଭାପତି ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ସଂପାଦକ ହେମନ୍ତ କୁମାର ମହାପାତ୍ର, ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଓ ପ୍ରମିଳା ବହିଦାର, ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ଜିଲ୍ଲା ଓକିଲ ସଂଘ ସଭାପତି ଡକ୍ଟର ପ୍ରମୋଦ ରଥ, ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ପ୍ରଫୁଲ୍ଲ ହୋତା, ବିଶିଷ୍ଟ ସଂଚାର ଗାୟକ ଦୁଃଖିନାଶନ ବେହେରା, ରାଜେନ୍ଦ୍ର ପଣ୍ଡା, ରତ୍ନଭୂଷଣ ପୃଷେଠ, କାର୍ତ୍ତିକ ପ୍ରସାଦ ବହିଦାର, ଦିଲ୍ଲୀପ ପୃଷ୍ଟି, ଲୋକନାଥ ରାଉତ, କମଳ ଲୋଚନ ଷଡ଼ଙ୍ଗୀ ଓ କିଶୋରୀ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।







## ଏ ସଂଖ୍ୟାରେ..



ଲାଭକାରୀ ଉଷୁମ ଲେମ୍ବୁପାଣି



ଶରୀର ହିତରେ ଡାଲଚିନି



ଆଖିକୁ ସୁସ୍ଥ ରଖେ ଘିଅ



କାଜୁ ଗୁଣରେ ଲାଭ



ଭୃଙ୍ଗରାଜର ଉପକାରିତା

# ଛ’ ଅଧିକାରୀଙ୍କୁ ବାଧତାମୂଳକ ଅବସର ଦେଲେ ରାଜ୍ୟ ସରକାର

ଭୁବନେଶ୍ୱର : ଦୁର୍ନୀତି ଓ ଅପାରଗତା ଯୋଗୁଁ ରାଜ୍ୟ ସରକାର ଛ’ଜଣ ଅଧିକାରୀଙ୍କୁ ବାଧତାମୂଳକ ଅବସର ଦେଇଛନ୍ତି । ସେମାନଙ୍କ ମଧରେ ଚାରି ଜଣ ଇଞ୍ଜିନିୟର ଥିବା ବେଳେ ଦୁଇଜଣ ଅବକାରୀ ବିଭାଗର ଅଧିକାରୀ ଅଛନ୍ତି । ବାଧତାମୂଳକ ଅବସର ଦିଆଯାଇଥିବା ଅଧିକାରୀମାନେ ହେଲେ କେନ୍ଦୁଝର ରୁରାଲ ଓ୍ୱାର୍କସ୍ ଡିଭିଜନର ଉପ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଦେବତା । ତାଙ୍କ ବିରୋଧରେ ଦୁଇଟି ଭିଜିଲାନ୍ସ କେସ୍ ରହିଛି ଏବଂ ସେ ଏକ କୋଟିରୁ ଅଧିକ ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବାର ଅଭିଯୋଗ ରହିଛି । ବର୍ତ୍ତମାନ କଟକ ଆର ଆଣ୍ଡ ବି ବିଭାଗର ଗୁଣବତା ନିୟନ୍ତ୍ରଣ ବିଭାଗର ସହକାରୀ ଯନ୍ତ୍ରୀ ଭାବରେ କାର୍ଯ୍ୟରତ ଜିତେନ୍ଦ୍ର କୁମାର ଦଳାଇଙ୍କୁ ବାଧତାମୂଳକ ଅବସର ଦିଆଯାଇଛି । ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ତାଙ୍କ ବିରୋଧରେ ଦୁଇଟି ଭିଜିଲାନ୍ସ କେସ୍ ରହିଛି । ସେହିପରି ମୟୁରଭଞ୍ଜ କରଞ୍ଜିଆର ରୁରାଲ ଓ୍ୱାର୍କସ୍ ଡିଭିଜନ-୧ର ସହକାରୀ ଯନ୍ତ୍ରୀ ବିଜୟ ପରିଡାଙ୍କ ବିରୁଦ୍ଧରେ ତିନିଟି ଭିଜିଲାନ୍ସ କେସ୍ ରହିଛି । ମରାମତି କାମ କରିବା ସମୟରେ ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗ ରହିଛି । ଏମାନଙ୍କ ବ୍ୟତୀତ ଭୁବନେଶ୍ୱର ଆର ଆଣ୍ଡ ବିଭାଗ ୨ର ସହକାରୀ ଯନ୍ତ୍ରୀ ଗଣେଶ୍ୱର ସେଠୀଙ୍କ ବିରୋଧରେ ଅଶୋଭନୀୟ ବ୍ୟବହାର ତଥା କର୍ତ୍ତବ୍ୟରେ ଅବହେଳା ଆଦି ଗୁରୁତର ଅଭିଯୋଗକୁ ଭିତ୍ତିକରି ୬ ଗୋଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା । ସମ୍ବଲପୁର ଓଡ଼ିଶା ପାନୀୟ ନିଗମ ଡିପୋର ଶାଖା ପରିଚାଳକ ଭାବରେ କାର୍ଯ୍ୟରତ ଅବକାରୀ ବିଭାଗର ଉପଅଧୀକ୍ଷକ ଜୟଦୀପ ପଟ୍ଟନାୟକଙ୍କର କାର୍ଯ୍ୟକଳାପ ସରକାରୀ ଶାଳୀନତା ଓ ସୌଜନ୍ୟର ବିରୁଦ୍ଧାଚରଣ କରୁଥିଲା । ଦାୟିତ୍ୱରେ ଅବହେଳା ସହିତ ସରକାରୀ ସମ୍ପତ୍ତିର କୁପରିଚାଳନା ଏବଂ ଅଫିସ ସମୟରେ ମଦ୍ୟପାନ ଆଦି ଅଭିଯୋଗ ତାଙ୍କ ବିରୋଧରେ ରହିଛି । ସେହିପରି ସୁନ୍ଦରଗଡ଼ରେ କାର୍ଯ୍ୟରତ ଅବକାରୀ ନିରୀକ୍ଷକ ରିହାଜ୍ ଅହମ୍ମଦ ବେଗ ତାଙ୍କ ଚାକିରୀ କାଳ ମଧରେ ପାଞ୍ଚ ଥର ନିଲମ୍ବିତ ହୋଇଛନ୍ତି । ଅପାରଗତା, ନିଷ୍ଠାହୀନତା ତଥା ଦାୟିତ୍ୱହୀନ ବ୍ୟବହାର ପାଇଁ ତାଙ୍କ ବିରୋଧରେ ମଧ ୫ ଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯାଇଛି । ଦାୟିତ୍ୱରେ ଅବହେଳା ଓ ଅଶୋଭନୀୟ ବ୍ୟବହାର ଆଦି ବିଭିନ୍ନ ଅଭିଯୋଗ ତାଙ୍କ ବିରୋଧରେ ରହିଥିବାରୁ ସେ ସରକାରୀ ଚାକିରୀ କରିବା ପାଇଁ ସମ୍ପୂର୍ଣ୍ଣ ଅଯୋଗ୍ୟ । ଏହି ସମସ୍ତ ଅଭିଯୋଗକୁ ଦୃଷ୍ଟିରୁ ଉପରୋକ୍ତ ଅଧିକାରୀଙ୍କୁ ରାଜ୍ୟ ସରକାର ବାଧତାମୂଳକ ଅବସର ଦେଇଛନ୍ତି । ପ୍ରଶାସନରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ସେବା ମନୋଭାବର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ତେଣୁ ଦୀର୍ନୀତି ତଥା ଲୋକଙ୍କୁ ସେବା ଯୋଗାଇବାରେ ଅବହେଳା କରୁଥିବା କର୍ମଚାରୀମାନଙ୍କ ପାଇଁ ଏହି ପଦକ୍ଷେପ ଏକ ସତର୍କ ଘଣ୍ଟି ବୋଲି ଆଶା କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ ଗତ ଅଗଷ୍ଟ ମାସରେ ପୂର୍ବତନ ଆୟୁଷ ନିର୍ଦ୍ଦେଶକ ବିଭୂ ପ୍ରସାଦ ଷଡ଼ଙ୍ଗୀଙ୍କୁ ବାଧତାମୂଳକ ଅବସର ଦିଆଯାଇଥିଲା । ତାଙ୍କ ବିରୋଧରେ ମହିଳା ସହକର୍ମୀଙ୍କୁ ଯୌନ ନିର୍ଯ୍ୟାତନାର ଅଭିଯୋଗ ଥିଲା । ସେହିପରି ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଆଇ.ଏଫ ଏବଂ ଅଧିକାରୀ ଅଭୟକାନ୍ତ ପାଠକଙ୍କୁ ବାଧତାମୂଳକ ଅବସର ଦେବା ଲାଗି ମୁଖ୍ୟମନ୍ତ୍ରୀ ନିକଟରେ କେନ୍ଦ୍ର ସରକାରଙ୍କ ଅନୁରୋଧ କରିଥିଲେ ।

## ଝାରସୁଗୁଡ଼ାରେ କ୍ରୀଡ଼ା ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ

ଝାରସୁଗୁଡ଼ା :ଜିଲ୍ଲା କ୍ରୀଡ଼ା ସଂସଦର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୨୦୧୯-୨୦ ବର୍ଷରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ଜିଲାରେ କ୍ରୀଡ଼ାର ଭିତ୍ତିଭୂମିର ବିକାଶ ସଂପର୍କରେ ଏକ ବିବରଣୀ ପ୍ରଦାନ କରାଯାଇଥିଲା । ୨୦୨୧-୨୦୨୨ ବର୍ଷ ପାଇଁ ୧୯ ଲକ୍ଷ ୨୦ ହଜାର ଟଙ୍କାର ବଜେଟ ଜିଲ୍ଲା କ୍ରୀଡ଼ା ସଂସଦର ସଂପାଦକ ତାପସରାୟ ଚୌଧୁରୀ ପ୍ରଦାନ କରିଥିଲେ । ଫୁଟ୍‌ବଲ୍ ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ଜିଲ୍ଲାରେ ସିନିୟର ପି.ସି. ମେମୋରିଆଲ ମହିଳା ଫୁଟବଲ ଆୟୋଜନ କରିବା ପାଇଁ ଦେଇଥିବା ପ୍ରସ୍ତାବକୁ ସାଧାରଣ ବୈଠକରେ ଅନୁମୋଦନ ସହ ଏହାର ଆୟୋଜନ ପାଇଁ ୫ଲକ୍ଷ ୫ହଜାର ୫୨୦ ଟଙ୍କା ର ବଜେଟ୍ ପ୍ରସ୍ତାବ ରହିଛି । ଆଗାମୀ ଦିନରେ ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତା ସୁନ୍ଦରଗଡ଼ ଜିଲ୍ଲାରେ ହେବାକୁ ଥିବାରୁ ଝାରସୁଗୁଡ଼ା ଜିଲ୍ଲା ଅଂଶ ଗ୍ରହଣ କରିବା ପାଇଁ ମହିଳା ଓ ପୁରୁଷ ଖେଳାଳି ଚୟନ ଶିବିର ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଗତ ଆର୍ଥିକ ବର୍ଷ ଆୟବ୍ୟୟର ସଂପୂର୍ଣ୍ଣ ବିବରଣୀ କୋଷାଧକ୍ଷ ଗଣେଶ ଚନ୍ଦ୍ର ନାଏକ ଉପସ୍ଥାପନ କରିଥିଲେ । ଏହା ସହିତ ଚଳିତ ବର୍ଷରେ କେଉଁ କ୍ରୀଡ଼ା କେଉଁ ସ୍ଥାନରେ ଓ କେବେ ଆୟୋଜନ କରାଯିବ ତାହାର ଏକ ବିବରଣୀ ପ୍ରଦାନ କରାଯାଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏବଂ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ଝାରସୁଗୁଡ଼ା ଠାରେ ଆନ୍ତଃରାଜ୍ୟ ଫୁଟବଲ୍ ମ୍ୟାଚ୍ ନବ ନିର୍ମିତ ଷ୍ଟାଡିୟମରେ ଆୟୋଜନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଜିଲ୍ଲା ପରିଷଦ ଅଧକ୍ଷ ଲକ୍ଷ୍ମୀ ନାରାୟଣ ପଟେଲ, ଦ୍ୱିତୀୟ ବ୍ୟାଟେଲିଆନ ଦୁର୍ଗପତି ମନୋଜ କୁମାର ପୁରୋହିତ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, କିର୍ମିରା ବ୍ଲକ ଅଧକ୍ଷ ତେଜରାଜ ସାହୁ, ଲଇକେରା ବ୍ଲକ ଅଧକ୍ଷା ରୋଜାଲିନ ପଟେଲ, କୋଲାବିରା ବ୍ଲକ ଅଧକ୍ଷା ଜୟନ୍ତୀ ବାହୁକ, ଡିଏର ଉପ- ସଭାପତି ଜୀବନ ମହାନ୍ତି, ବ୍ରିଜେଶ ଶର୍ମା, ଅଶୋକ ମିଶ୍ର, ସହସଂପାଦକ ପ୍ରଜ୍ୱଳ ପଟେଲ, କବାଡ଼ି ସଂପାଦକ ମନୋଜ ଦାସ, ଫୁଟବଲ ସଂପାଦକ ସୁଶାନ୍ତ ମହାନ୍ତି, ଭଲିବଲ ସଂପାଦକ ବିଷ୍ଣୁ ନାୟକ, କ୍ରୀଡ଼ା ସଂପାଦକ କମ୍ପାଉଡର୍ ବେହେରା, ଇନ୍‌ଡୋର୍ ସଂପାଦକ ଶରତ ତ୍ରିପାଠୀ, ମାନସ ଆଚାର୍ଯ୍ୟ, ସୁଜିତ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକାରୀ ସଭାପତି ବିଜୟ କୁମାର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ।

## ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଝାରସୁଗୁଡ଼ା: ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର ମୁଖ୍ୟ ଫାଟକ ସମ୍ମୁଖରେ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଏହାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ବରଗଡ଼ ଏମପି ସୁରେଶ ପୂଜାରୀ, ଜିଲ୍ଲାପାଳ ସରୋଜ ସାମଲ ଓ ବିମାନ ବନ୍ଦର ନିର୍ଦ୍ଦେଶକ କିଶୋର କୁମାର ସେନାପତି ପ୍ରମୁଖ ଉନ୍ମୋଚନ କରିଛନ୍ତି । ଏହାର ଉଚ୍ଚତା ୧୦ ଫୁଟ୍ ରହିଥିବା ବେଳେ ଧାତବରେ ନିର୍ମାଣ କରାଯାଇଛି ।

## ଝାରସୁଗୁଡ଼ାରୁ ମୁମ୍ବାଇ, ବେଙ୍ଗାଲୁରୁକୁ ବିମାନ ସେବା

ଝାରସୁଗୁଡ଼ା: ଆସନ୍ତା ୧୨ ତାରିଖରୁ ଝାରସୁଗୁଡ଼ା ଠାରୁ ମୁମ୍ବାଇ ଏବଂ ବାଙ୍ଗାଲୁରୁକୁ ବିମାନସେବା ଆରମ୍ଭ ହେବ । ସପ୍ତାହକୁ ଚାରି ଦିନ ଅର୍ଥାତ ମଙ୍ଗଳବାର, ଗୁରୁବାର, ଶନିବାର ଏବଂ ରବିବାର ବିମାନ ସେବା ଉପଲବ୍ଧ ହେବ ।

ସ୍ପାଇସ୍‌ଜେଟ୍ ଏୟାରଲାଇନ୍ସର ବିମାନ ମଙ୍ଗଳବାର ମୁମ୍ବାଇରୁ ପୂର୍ବାହ୍ନ ସାଢ଼େ ୧୦ଟାରେ ବିମାନ ଉଡ଼ିବା ପରେ ସାଢ଼େ ୧୨ଟାରେ ଝାରସୁଗୁଡ଼ା ପହଞ୍ଚିବ । ଝାରସୁଗୁଡ଼ାରୁ ଅପରାହ୍ନ ଗୋଟାଏରେ ବିମାନ ଉଡ଼ିବା ପରେ ବାଙ୍ଗାଲୁରୁରେ ଅପରାହ୍ନ ୩ଟା ୧୦ ମିନିଟରେ ପହଞ୍ଚିବ । ସେହିପରି ବାଙ୍ଗାଲୁରୁରୁ ଅପରାହ୍ନ ୩ଟା ୪୫ ମିନିଟରେ ବିମାନ ଉଡ଼ିବା ପରେ ୫ଟା ୪୦ ମିନିଟରେ ଝାରସୁଗୁଡ଼ାରେ ପହଞ୍ଚିବ । ଝାରସୁଗୁଡ଼ାରୁ ସନ୍ଧ୍ୟା ୬ଟା ୧୦ ମିନିଟରେ ବିମାନ ଉଡ଼ିବା ପରେ ମୁମ୍ବାଇରେ ରାତ୍ରୀ ୮ଟା ୩୫ ମିନିଟରେ ପହଞ୍ଚିବ । ଗୁରୁବାର, ଶନିବାର ଏବଂ ରବିବାର ପାଇଁ ସମୟ ନିର୍ଘଣ୍ଟ ଅଲଗା ରହିଛି । ମୁମ୍ବାଇରୁ ସକାଳ ୯ଟାରେ ଉଡ଼ିବା ପରେ ଝାରସୁଗୁଡ଼ା ୧୧ଟା ୧୦ ମିନିଟରେ ପହଞ୍ଚି, ଝାରସୁଗୁଡ଼ାରୁ ପୂର୍ବାହ୍ନ ୧୧ଟା ୪୦ ମିନିଟରେ ଉଡ଼ିବା ପରେ ବାଙ୍ଗାଲୁରୁରେ ଅପରାହ୍ନ ୧ଟା ୫୦ ମିନିଟରେ ପହଞ୍ଚିବ, ବାଙ୍ଗାଲୁରୁରୁ ଅପରାହ୍ନ ୨ଟା ୩୦ ମିନିଟରେ ଉଡ଼ିବା ପରେ ଝାରସୁଗୁଡ଼ାରେ ୪ଟା ୪୦ ମିନିଟରେ ପହଞ୍ଚିବ ଏବଂ ଝାରସୁଗୁଡ଼ାରୁ ସନ୍ଧ୍ୟା ୫ଟା ୪୦ ମିନିଟରେ ଉଡ଼ିବା ପରେ ମୁମ୍ବାଇରେ ରାତ୍ରୀ ୭ଟା ୩୦ ମିନିଟରେ ପହଞ୍ଚିବ । ଏହି ସମୟ ନିର୍ଘଣ୍ଟ ଆସନ୍ତା ମାର୍ଚ୍ଚ ମାସ ୨୬ ତାରିଖ ଯାଏ ଅପରିବର୍ତ୍ତିତ ରହିବ । ମାର୍ଚ୍ଚ ୨୭ ତାରିଖ ଠାରୁ ସମୟ ସାରଣୀରେ ପରିବ ର୍ନ ହେବାର ସମ୍ଭାବନା ରହିଛି ବୋଲି ବିମାନବନ୍ଦରର ନିର୍ଦ୍ଦେଶକ କିଶୋର ସେନାପତି କହିଛନ୍ତି ।

## ସଂକୀର୍ତ୍ତନ ପରିଷଦର ବୈଠକ

ବରଗଡ଼ : ଗୀତା ଜୟନ୍ତୀ ଅବସରରେ ଖଜୁରଟିକ୍ରା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ବରଗଡ଼ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିଷଦର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ଅଧକ୍ଷତା ଓ ସମ୍ପାଦକ ପ୍ରମୋଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ଗୁରୁ ନରସିଂହ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ । ଗୋପାଳ ମିଶ୍ର ସାଂଗଠନିକ ଆଭିମୁଖ୍ୟ ଉପସ୍ଥାପନ କରିଥିବା ବେଳେ ବରିଷ୍ଠ କଳାକାର ଗୋପାଳ ଦାଶ, ରାମଚନ୍ଦ୍ର ସାହୁ, ଶଙ୍କର ପଟ୍ଟନାୟକ, ସୁରେଶ ଗନ୍ତାୟତ ପ୍ରମୁଖ ଯୋଗଦେଇ ସଂକୀର୍ତ୍ତନ ପରମ୍ପରାକୁ ବଜାୟ ରଖିବା ପାଇଁ ପରିଷଦର ଉଦ୍ୟମକୁ ପ୍ରଶଂସା କରିଥିଲେ ।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଚତୁର୍ଥ ସମାବର୍ତ୍ତନ ଉତ୍ସବ




ସମ୍ବଲପୁର : ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଚତୁର୍ଥ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଷୟରେ ଉତ୍କର୍ଷ ପ୍ରତିପାଦନ କରିଥିବା ୨୬ ଜଣ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଏହି ସମାରୋହରେ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି । ତା’ ସହିତ ୨୦୨୦ ଶେଷ ବର୍ଷ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୫୨୧ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି । କୋଭିଡ କଟକଣା ହେତୁ କେବଳ ସ୍ୱର୍ଣ୍ଣପଦକ ପ୍ରାପ୍ତ ଛାତ୍ରଛାତ୍ରୀ ବ୍ୟକ୍ତିଗତ ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଅନ୍ୟ ୮ଶହ ଛାତ୍ରଛାତ୍ରୀ ୟୁ ଟ୍ୟୁବ ଲାଇଭ ଜରିଆରେ ସାମିଲ ହୋଇଥିଲେ । ସମାବର୍ତ୍ତନ ଉତ୍ସବରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରାମଜୀ ତକୱାଲେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁନେରୁ ୱେବ ମାଧମରେ ସଂଯୁକ୍ତ ହୋଇ ଉଦବୋଧନ ଦେଇଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଶ୍ରୀକାନ୍ତ ମହାପାତ୍ର ପୌରୋହିତ୍ୟ କରି ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ । କୁଳପତି ଡକ୍ଟର ମହାପାତ୍ର କହିଥିଲେ ଏହି ବିଶ୍ୱବିଦ୍ୟାଳୟ ଓଡ଼ିଶାର ସାମାଜିକ ତଥା ଅର୍ଥନୈତିକ ଦୃଷ୍ଟିକୋଣରୁ ଉପେକ୍ଷିତ ବର୍ଗଙ୍କ ପାଇଁ ଏକ ପସନ୍ଦଯୋଗ୍ୟ ଶିକ୍ଷାନୁଷ୍ଠାନ ହୋଇପାରିଛି । ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା ହାସଲ ଦିଗରେ ନିମହାନସ ବାଙ୍ଗାଲୋର, ଆଇଆଇଟି ନୂଆଦିଲ୍ଲୀ, ଆଇଆଇଟି ମୁମ୍ବାଇ ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ସହଯୋଗ ରହିଛି । ତେବେ ନାକ ମାନ୍ୟତା ହାସଲ, ଅନଲାଇନ ଶିକ୍ଷାଦାନ, କ୍ୟାମ୍ପସର ବିକାଶ ଏବଂ ସ୍ଥାୟୀ କର୍ମଚାରୀ ଓ ଅଧାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ପାଇଁ ଆହ୍ୱାନ ବୋଲି କୁଳପତି କହିଥିଲେ । ବିଶ୍ୱବିଦ୍ୟାଳୟର କୁଳସଚିବ ଡକ୍ଟର ମାନସ ରଞ୍ଜନ ପୂଜାରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।

ପ୍ରକାର ଭେଦରେ ଗୋପୀ ଦୁଇଶ୍ରେଣୀର ଥିଲେ । ସେହି ଦୁଇ ପ୍ରକାର ହେଲା ନିତ୍ୟସିଦ୍ଧା ଓ ସାଧନସିଦ୍ଧା । ସାଧନସିଦ୍ଧା ଗୋପୀ ଅନେକପ୍ରକାର ଅଛନ୍ତି ଶ୍ରୁତିରୂପା, ଋଷିରୂପା, ସଂକୀର୍ତ୍ତରୂପା, ଅନ୍ୟପୂର୍ବା, ଅନନ୍ୟପୂର୍ବା ଆଦି ।

ଶ୍ରୁତି ଈଶ୍ୱରଙ୍କ ବିଷୟ ବର୍ଣ୍ଣନା କରି କରି କ୍ଳାନ୍ତ ହୋଇଯାଇଛି । ତେବେ ବି ତାଙ୍କୁ ଅନୁଭବ କରିପାରି ନାହିଁ । ଈଶ୍ୱର କେବଳ କଥା ପ୍ରସଙ୍ଗର ବିଷୟ ନୁହନ୍ତି । ଯେଉଁ ବେଦାଭିମାନୀ ଦେବ ବ୍ରହ୍ମ ସମ୍ବନ୍ଧ ସିଦ୍ଧକରି, ବ୍ରହ୍ମ ସାକ୍ଷାତକାର ହେତୁ ଗୋକୁଳରେ ଆବିର୍ଭାବ ହୋଇଥିଲେ ସେମାନେ ହେଉଛନ୍ତି ଶ୍ରୁତିରୂପା ଗୋପୀ ।

ଦର୍ଶନ ଓ ଅନୁଭବ ମଧ୍ୟରେ ପ୍ରଭେଦ ଅଛି । ଦର୍ଶନରେ ଦୃଶ୍ୟ ଓ ଦ୍ରଷ୍ଟାଙ୍କର ଭେଦ ଅଛି । ଅନୁଭବରେ ଏଇ ଦୁଇଟି ଏକ ହୋଇଯାଏ । ଏଥିରେ ପୂର୍ଣ୍ଣ ଅଦ୍ୱୈତଭାବ ସିଦ୍ଧହୁଏ । ତେଣୁ ବୁଦ୍ଧିଗତ କାମକୁ ନାଶକରି ବ୍ରହ୍ମସମ୍ବନ୍ଧ ସିଦ୍ଧକରି, ବ୍ରହ୍ମାତ୍ମକରୂପୀ ମୁକ୍ତିକୁ ଅନୁଭବ କରିବା ପାଇଁ କେତେକ ଋଷି ଗୋପୀରୂପେ ଆସିଥିଲେ । ଏମାନଙ୍କୁ ଋଷିରୂପା ଗୋପୀ କୁହାଯାଏ ।

ସଂକୀର୍ତ୍ତନ ମଣ୍ଡଳରେ ପ୍ରଭୁଙ୍କର ମନୋହର ରୂପ ଦେଖି ମନରେ କାମଭାବ ଜାଗ୍ରତ ହୋଇଥିବା ହେତୁ ଯେଉଁ ସ୍ତ୍ରୀମାନେ ଗୋପୀ ରୂପେ ଆସିଥିଲେ ସେମାନଙ୍କୁ କାମରୂପା ଗୋପୀ କୁହାଯାଏ ।

ବିବାହ ପରେ ସଂସାରସୁଖକୁ ଉପଭୋଗ କରିବା ପରେ ଅରୁଚି ବୋଧ ହୋଇଥିବା ହେତୁ ଆଉ ପ୍ରଭୁଙ୍କ ପ୍ରତି ପ୍ରେମଭାବ ବୃଦ୍ଧି ପାଇବାରୁ ଯେଉଁ ପୁରୁଷ ବା ସ୍ତ୍ରୀମାନେ ଗୋପୀଙ୍କର ରୂପ ଗ୍ରହଣ କରି ଥିଲେ ସେମାନଙ୍କୁ ଅନ୍ୟପୂର୍ବା କୁହାଯାଏ । ତୁଳସୀ ଦାସଙ୍କ ବୈରାଗ୍ୟ ପ୍ରସଙ୍ଗ ଅତି ପ୍ରସିଦ୍ଧ ।

ବସ୍ତୁଗତ ଆସକ୍ତିକୁ ଯଦି ପ୍ରଭୁଗତ ଆସକ୍ତିର ରୂପ ଦିଆଯାଏ, ତେବେ ବସ୍ତୁର ଆସକ୍ତି ଛାଡିଯାଏ । ଅନେକ ବସ୍ତୁପ୍ରତି ଆସକ୍ତି ହେବା ବ୍ୟାବହାରିକ ଦୃଷ୍ଟିରେ କୃତକାର୍ଯ୍ୟ ହେବା ଅସମ୍ଭବ ।

ତୁଳସୀଦାସ କେବଳ ତାଙ୍କ ସ୍ତ୍ରୀଙ୍କ ପ୍ରତି ଅତିଶୟ ଆସକ୍ତ ଥିଲେ । ସଂସାରର ଅନ୍ୟ ସମସ୍ତ ସ୍ତ୍ରୀଙ୍କୁ ସେ ମାତୃ ଦୃଷ୍ଟିରେ ଦେଖୁଥିଲେ । ପତ୍ନୀ ରତ୍ନାବଳୀର ଏକମାତ୍ର ଭର୍ତ୍ସନା ତାଙ୍କର ଆସକ୍ତିକୁ ପ୍ରଭୁଭକ୍ତିରେ ବଦଳାଇ ଦେଇଥିଲା । କାମାସକ୍ତି ଈଶ୍ୱର ଶ୍ରୀରାମ ଭକ୍ତିରେ ପରିବର୍ତ୍ତିତ ହୋଇଗଲା । ଆମେ ଭର୍ତ୍ସନା ତ ଭର୍ତ୍ସନା, ଚାପୁଡ଼ା ବି ଖାଇଲେ ବଦଳିବାକୁ ମନ କରୁ ନ ଥାଉ । ଯାହାରୁ ବଡ଼ ଆଶ୍ଚର୍ଯ୍ୟର କଥା, ନିର୍ଲ୍ଲଜ କଥା ଆଉ କିଛି ଥାଇପାରେ କି ?

ଅନନ୍ୟ ସିଦ୍ଧା= ଜନ୍ମସିଦ୍ଧ ପୂର୍ଣ୍ଣବୈରାଗୀ । ଏହାର ଉଦାହାରଣ ଶୁକଦେବ, ମୀରା, ଓଡ଼ିଶାର ପଞ୍ଚ ମହାପୁରୁଷ ଆଦି ।

## ଭାଗବତ /// ରାସ ପାଇବାକୁ ହେଲେ

ଦିନେ ବ୍ରଜର କୁମାରୀମାନେ ନଗ୍ନାବସ୍ଥାରେ ଯମୁନାରେ ସ୍ନାନ କରୁଥିଲେ । ଶ୍ରୀକୃଷ୍ଣ ସେମାନଙ୍କର ବସ୍ତ୍ରନେଇ କଦମ୍ବ ଗଛ ଉପରେ ଚଢ଼ିଗଲେ । ଆଉ କହିଲେ 'ଯାହାର ବସ୍ତ୍ରନେବାକୁ ଇଚ୍ଛା ସେ ତାଙ୍କ ପାଖକୁ ଆସି ନେଇଯାଉ ।'

କୃଷ୍ଣ ସେମାନଙ୍କୁ କହିଲେ, ନଗ୍ନାବସ୍ଥାରେ ସ୍ନାନକରି ତୁମେମାନେ ଜଳ ଦେବତାଙ୍କ ଠାରେ ଅପରାଧ କରିଛ । ତେଣୁ ଯୋଡ଼ହସ୍ତରେ ବନ୍ଦନକରି ବସ୍ତ୍ର ନେଇଯାଅ ।

ସେହି କୁମାରୀମାନେ କୃଷ୍ଣଙ୍କ କଥାନୁସାରେ ସେପରି କଲେ । କୃଷ୍ଣ ସେମାନଙ୍କୁ ବସ୍ତ୍ର ଫେରାଇ ଦେଲେ । ଏହି ବସ୍ତ୍ରହରଣ ଲୀଳାର ବି ଗୁଢ଼ ରହସ୍ୟ ଅଛି । କୁମାରୀମାନେ ନିଜକୁ ମନେମନେ ନାରୀବୋଲି ଭାବୁଥିଲେ । ଏପରି ଭାବ ହେଉଛି ଅହଂକାରର ଦ୍ୟୋତକ । ସେମାନଙ୍କ ମନରୁ ଏହିପ୍ରକାର ଅହଂକାରର ପର୍ଦ୍ଦା ଦୂରକରି ପ୍ରଭୁଙ୍କୁ ସର୍ବସ୍ୱ ଅର୍ପଣ କରିବା ହେଉଛି ଉଦ୍ଦେଶ୍ୟ ।

ପ୍ରଭୁ କୁହନ୍ତି ତୁମେ ତୁମର ନିଜସ୍ୱ ସ୍ୱାଭିମାନ ଭୁଲି ମୋ ପାଖକୁ ଆସ । ସଂସାର ଶୂନ୍ୟ ଓ ସାଂସାରିକ ସଂସ୍କାର ଶୂନ୍ୟହୋଇ ନିରାବୃତ୍ତ ଅବସ୍ଥାରେ ମୋ ପାଖକୁ ଆସ । ମୁଁ ତୁମକୁ ନିଜର କରିଦେବି । ଦ୍ୱୈତର ଆବରଣ ଦୂରହେଲେ ପ୍ରଭୁଙ୍କୁ ପ୍ରାପ୍ତହେବା ସମ୍ଭବ ଓ ସହଜ ହୋଇଥାଏ ।

ବସ୍ତ୍ର ଶରୀରକୁ ଓ ବାସନା ଆତ୍ମାକୁ ଲୁଚାଏ, ଘୋଡ଼ାଇ ରଖେ । ଭଗବାନ ଆମର ଅତି ନିକଟରେ ଅଛନ୍ତି, କିନ୍ତୁ ଆମେ ତାଙ୍କୁ ଦେଖିପାରୁ ନାହୁଁ । ବାସନାର ପର୍ଦ୍ଦା ଚିରି ଯିବାକ୍ଷଣି, ଦୂର ହୋଇଯିବା କ୍ଷଣି, ପ୍ରଭୁ ସହସା ଦୃଶ୍ୟ ହୋଇଥାନ୍ତି ।

ଆତ୍ମା ଓ ପରମାତ୍ମାଙ୍କ ମଝିରେ ବାସନାର ପର୍ଦ୍ଦାଟିଏ ଥିବାରୁ ଭଗବାନଙ୍କୁ ଆମେ ଅନୁଭବ କରିପାରୁନା । ଆତ୍ମା ଥାଏ ଭିତରେ ଏହା ଉପରେ ଅଜ୍ଞାନ ଆଉ ବାସନାର ପର୍ଦ୍ଦାଥାଏ । ଅଜ୍ଞାନ ଓ ବାସନାର ଏହି ପରଦାକୁ ଚିରି ଭଗବାନଙ୍କ ସହିତ ମିଳନ ନିମନ୍ତେ ଯିବାକୁ ହେବ । ସିଦ୍ଧ ସଦଗୁରୁଙ୍କର ଅଥବା ଭଗବାନଙ୍କ କୃପା ପ୍ରାପ୍ତ ହେଲେ ବୁଦ୍ଧିଗତ ବାସନା ଦୂରହୁଏ । ବୁଦ୍ଧିରେ ବସିଥିବା କାମ କୃଷ୍ଣ ମିଳନର ବାଧକ ହୋଇଥାଏ ।

ଅଜ୍ଞାନ ବାସନା ବୃତ୍ତିସମୂହର ଆବରଣ ନଷ୍ଟ ହେବାର ଅର୍ଥ ହେଉଛି ଚିର ବା ବସ୍ତ୍ର ହରଣ । ଏହି ଆବରଣ ନଷ୍ଟ ହୋଇଯିବା ପରେ ଜୀବର ଆତ୍ମା ସହିତ ପ୍ରଭୁଙ୍କ ମିଳନ ହେଉଛି ରାସଲୀଳା । ସେଇଥିପାଇଁ ବସ୍ତ୍ର ହରଣ ଲୀଳା ପରେ ରାସଲୀଳା ଆସେ ।

କାମବାସନା ନଷ୍ଟ ହୋଇଯିବା ପରେ ଜୀବ ଈଶ୍ୱରଙ୍କ ସହିତ ଅଦ୍ୱୈତ ହୋଇଯିବା କଥା । ଭଗବାନ କେବେହେଲେ ଲୌକିକ ବସ୍ତ୍ର ଚୋରୀ କରନ୍ତି ନାହିଁ । ସେ ତ ବୁଦ୍ଧିଗତ ଅଜ୍ଞାନ, କାମବାସନାକୁ ଚୋରୀ କରନ୍ତି ।



କହ୍ନେଇ କ'ଣ ଗୋପୀମାନଙ୍କର ନଗ୍ନାବସ୍ଥାର ରୂପ ଦେଖିବାକୁ ଚାହିଁଥିଲେ ? ଚିକିଏ ଭାବିଲେ ଦେଖି । ଶ୍ରୀକୃଷ୍ଣ ତ ସର୍ବବ୍ୟାପୀ । ସେ ଜଳରେ ବି ଅଛନ୍ତି । ସେ ତ ଗୋପୀଙ୍କର ସଂସ୍ପର୍ଶରେ ଆସିଛନ୍ତି । କିନ୍ତୁ ଗୋପୀମାନେ ଏ କଥା ଜାଣନ୍ତି ନାହିଁ, ଅଥବା ଜାଣିପାରି ନାହାନ୍ତି । ଏହାର ପ୍ରଧାନ କାରଣ ସେମାନେ ଥିଲେ ଅଜ୍ଞ । ଅଜ୍ଞାନ ଓ ବାସନାର ଆବରଣରେ ଆବୃତ୍ତ ହୋଇଥିବା ହେତୁ ସେମାନେ ଏହି ମହତ କଥାକୁ ଅନୁଭବ କରିପାରି ନ ଥିଲେ । ତେଣୁ ସେହି ବୁଦ୍ଧିଗତ ଅଜ୍ଞାନ ଓ ବାସନାରୂପୀ ବସ୍ତ୍ରକୁ ଭଗବାନ ବସ୍ତ୍ରହରଣ ଲୀଳାରେ ଉଠାଇ ନେଇଥିଲେ । ଭଗବାନ ଏପରି ଲୀଳା କରନ୍ତି ଯେତେବେଳେ ଜୀବ ତାଙ୍କର ହୋଇଯାଇଛି ବୋଲି ସେ ଜାଣନ୍ତି । କେବଳ ସେହିମାନଙ୍କ ସହିତ ହିଁ ବସ୍ତ୍ର ହରଣ ଲୀଳା କରନ୍ତି ।

ଯେଉଁମାନେ ମୋ ଠାରେ ବୁଦ୍ଧି ସ୍ଥାପିତ କରି ଦେଇଥାନ୍ତି ସେମାନଙ୍କର ଭୋଗ ସଂକଳ୍ପ, ସାଂସାରିକ ବିଷୟ ଭୋଗ ପାଇଁ ତାହା ରହେନାହିଁ । ସେପରି ସଂକଳ୍ପ ମୋକ୍ଷଦାୟୀ ହୋଇଥାଏ । ଭୁଣା ହୋଇଥିବା ଧାନ୍ୟ ବିଜର ନଷ୍ଟ ହୋଇଯାଏ ଓ ତହିଁରୁ ବୃକ୍ଷ କଦାପି ଅଙ୍କୁରିତ ହୋଇପାରେ ନାହିଁ । ସେହିଭଳି ଯେଉଁମାନଙ୍କର ବୁଦ୍ଧିରୁ କାମ ବାସନାର ବୀଜ ନଷ୍ଟ ହୋଇଯାଇଥାଏ ସେଠାରେ ତାହା ଆଉ ଦ୍ୱିତୀୟଥର ଅଙ୍କୁରିତ ହୋଇପାରେ ନାହିଁ ।

ପ୍ରଭୁ ଗୋପୀଙ୍କୁ କହିଥିଲେ, ହେ ବ୍ରଜ କୁମାରୀମାନେ । ମୁଁ ଜାଣେ, ତୁମମାନଙ୍କର କାମବାସନା ନଷ୍ଟ ହୋଇଯାଇ ଥିବା ହେତୁ ତୁମର ହୃଦୟ ଶୁଦ୍ଧ ହୋଇ ଯାଇଛି । ତେବେ ବି ତୁମକୁ ମୋ ଧ୍ୟାନରେ ରହିବାକୁ ଇ ହେବ । ଏପରି କଲେ ତୁମ ମନରେ ଆହୁରି ରହିଯାଇଥିବା ସୂକ୍ଷ୍ମ ବାସନାର ମଳ ନଷ୍ଟ ହୋଇଯିବ, ଆଉ ମୋ ସହିତ ମିଳନ ହେବ । ଶରଦ ରାତ୍ରିରେ ତୁମେମାନେ ମୋ ସହିତ ରମଣ କରିପାରିବ ।

ଶରତ ଋତୁର ରାତ୍ରି ଅତି ନିର୍ମଳ ହୋଇଥାଏ । ଆମେ ବି ସର୍ବତୋ ଭାବେ ଶୁଦ୍ଧ, ନିର୍ମଳ, ଶୁଭ୍ର ହୋଇପାରିଲେ ଈଶ୍ୱରଙ୍କ ସହିତ କ୍ରୀଡ଼ା କରି ପାରିବା ଜୀବ ଈଶ୍ୱରଙ୍କ ସହିତ ମିଳିତ ହୋଇପାରିବ । ସେତେବେଳେ ରାସଲୀଳା ହେବ ।

ଜୀବ ଈଶ୍ୱର ମିଳନ ପାଇଁ ପ୍ରଥମେ ବାସନାରୂପୀ ପୂତନାକୁ ମାରିବାକୁ ହୋଇଥାଏ । ବାସନା ହେଉଛି ଅବିଦ୍ୟା । ଅବିଦ୍ୟା ନାଶ ହୋଇଯିବା ପରେ ଜୀବନରୂପୀ ଗାଡ଼ି ଠିକ୍ ପାହିରେ ଚାଲିପାରେ ଓ ଶକଟାସୁରକୁ ନାଶ କରିପାରେ ।

ଜୀବନ ଠିକ୍ ରାସ୍ତାରେ ଚାଲିଲେ ରଜୋରୂପୀ ତୃଣାବର୍ତ୍ତ ନଷ୍ଟ ହୋଇଯାଏ ଏବଂ ସତ୍ତ୍ୱଗୁଣ ଧୀରେ ଧୀରେ ବଢ଼େ ।

ରଜୋଗୁଣ ନଷ୍ଟ ହୋଇଯିବା ପରେ କହ୍ନେଇ ମନରୂପୀ ଲହୁଣି ଚୋରି କରେ ଓ ଜୀବନକୁ ସାତ୍ତ୍ୱିକ କରେ ।

ଜୀବନ ସାତ୍ତ୍ୱିକ ହେଲେ ଆସକ୍ତିରୂପୀ ମାଠିଆ ଭାଙ୍ଗିଯାଏ । ଦହି ହାଣ୍ଡି ସଂସାରାସକ୍ତିର ହାଣ୍ଡିକୁ କହ୍ନେଇ ଭାଙ୍ଗି ଦିଅନ୍ତି । ସଂସାରାସକ୍ତି ନଷ୍ଟ ହୋଇଯିବା କ୍ଷଣି ପ୍ରଭୁ ଜୀବର ଫାଶରେ ପଡିଯାଆନ୍ତି । ପ୍ରଭୁ ଜୀବଦ୍ୱାରା ବନ୍ଧା ହୋଇଯାଆନ୍ତି । ଏହାହିଁ ହେଉଛି ଦାମୋଦର ଲୀଳା ।

ପ୍ରଭୁ ବନ୍ଧା ହୋଇଯିବା କ୍ଷଣି ଦମ୍ଭରୂପୀ ବକାସୁର ଆଉ ପାପ ତାପ ରୂପୀ ଅଘାସୁର ବଧ ହୋଇଯାଏ । ସାଂସାରିକ ତାପ ଦାବାଗ୍ନି ସଦୃଶ । ସାଂସାରିକ ତାପ ନଷ୍ଟ ହେବା ଅର୍ଥ ଦାବାଗ୍ନି ନଷ୍ଟ ହେବା । ଦାବାଗ୍ନି ନଷ୍ଟ ହେବାକ୍ଷଣି ଶାନ୍ତି ଚାଲିଆସେ । ଏଣୁ ଇନ୍ଦ୍ରିୟ ଶୁଦ୍ଧ ହୁଏ, ଅନ୍ତଃକରଣରେ ବାସନା କ୍ଷୟ ହୋଇଯାଏ । ଏହାହିଁ ହେଉଛି ନାଗଦମନ ଲୀଳା ଓ ପ୍ରଳମ୍ବାସୁରବଧ କଥା । ଏଥର ଜୀବ ଈଶ୍ୱର ସହିତ ମିଳନଯୋଗ୍ୟ ହୋଇଗଲା । ଜୀବ ଈଶ୍ୱରଙ୍କ ସହିତ ମିଳନଯୋଗ୍ୟ ହୋଇଯିବା ମାତ୍ରେ ମୁରଲୀ ସ୍ୱନ ଶୁଣାଯାଏ ।

ବେଣୁଗୀତ ଶୁଣାଯିବା ଅର୍ଥ ନାଦବ୍ରହ୍ମର ଉତ୍ପତ୍ତି ହେବା । ବେଣୁଗୀତ ହେଉଛି ନାଦବ୍ରହ୍ମର ଉପାସନା । ଏହାପରେ ଆସେ ଗୋବର୍ଦ୍ଧନ ଲୀଳା । ଗୋ ଅର୍ଥାତ୍ ଇନ୍ଦ୍ରିୟଙ୍କର ସଂବର୍ଦ୍ଧନ, ପୁଷ୍ଟି ହେବା । ଇନ୍ଦ୍ରିୟଙ୍କର ପୁଷ୍ଟିହେବା ଅର୍ଥ ଭକ୍ତିରସ ଉତ୍ପନ୍ନ ହେବା । ଇନ୍ଦ୍ରିୟଙ୍କର ପୁଷ୍ଟିହେଲେ ଷଡ଼ରସ ଓ ବରୁଣଦେବଙ୍କ ପରାଭବ ହୋଇଥାଏ ।

ଷଡ଼ରସ ପରାଭୂତ ହେବା ଅର୍ଥ ଜୀବ ଶୁଦ୍ଧମାର୍ଗରେ ଅଗ୍ରଗାମୀ ହୁଏ । ଏହାପରେ ତେଣୁ ଚୀର ବା ବସ୍ତ୍ରହରଣ ଲୀଳା ଆସେ । ସେତେବେଳେ ବସ୍ତ୍ର, ଅଜ୍ଞାନ ଓ ବାସନାର ଆଚ୍ଛାଦନ ଭଗବାନ ହରଣ କରି ନିଅନ୍ତି ।

ଚୀର ହରଣ ଲୀଳା ବାହ୍ୟାବରଣ, ଉପାଧି ନଷ୍ଟ ହୋଇଯିବା କ୍ଷଣି ରାସଲୀଳା ଆରମ୍ଭ ହୋଇଯାଏ । ଜୀବର ବ୍ରହ୍ମ ସହିତ ତଦାତ୍ମକ ହେବା ସମ୍ଭବ ହୋଇଥାଏ । ବସ୍ତ୍ର ଯେଭଳି ଶରୀରକୁ ଆଚ୍ଛାଦନ କରେ, ବାସନା ଓ ଅଜ୍ଞାନ ସେହିଭଳି ଆତ୍ମାକୁ ଆଚ୍ଛାଦିତ କରି ରଖିଥାନ୍ତି । ଫଳତଃ ପରମାତ୍ମାଙ୍କ ଠାରୁ ଦୂରେଇ ଦେଇଥାନ୍ତି । ଯେ ପର୍ଯ୍ୟନ୍ତ ଅଜ୍ଞାନ ଆଉ ବାସନାର ଆବରଣ ଦୂର ନ ହୋଇଥାଏ ସେ ପର୍ଯ୍ୟନ୍ତ ଜୀବ ଓ ଶିବର ମିଳନ ହୋଇପାରେ ନାହିଁ ।

ବୁଦ୍ଧିଗତ ବାସନା, ବୁଦ୍ଧିଗତ ଅଜ୍ଞାନକୁ ଉଡାଇ ନେବା ଲୀଳା ହେଉଛି ଚୀର ହରଣ ଲୀଳା । ବାସନା ଓ ଅଜ୍ଞାନରୂପୀ ବସ୍ତ୍ର ପ୍ରଭୁ ମିଳନର ବାଧକ । ଇନ୍ଦ୍ରିୟଙ୍କ କାମକୁ ଦବାଇ ଦେବା ସହଜ, ମାତ୍ର ବୁଦ୍ଧିଗତ କାମକୁ ବାହାର କରିବା ଅତି କଠିନ କଥା ।

ପ୍ରାଣ ଓ ପ୍ରକୃତି ଏକାଠି ଯାଏ । ଏହି ପ୍ରକୃତି ଉପରେ ବିଜୟ ଲାଭ କରିବା ଅତି କଠିନ ଓ ଦୁଷ୍କର କଥା ।

ଯୋଗୀଙ୍କର ଦେହଗତ ଅର୍ଥାତ୍ ଶାରୀରିକ କାମ ଦମନ କରିବାର ଶକ୍ତିଥାଏ, ମାତ୍ର ବୌଦ୍ଧିକ କାମ ଯଥାପୂର୍ବଂ ତଥାପରଂ ଅବସ୍ଥାରେ ରହିଥାଏ । ବୃଦ୍ଧାବସ୍ଥାରେ ଇନ୍ଦ୍ରିୟ ଶିଥିଳ ହୋଇଯାଏ । ଶାରୀରିକ କାମର ଉତ୍ତେଜନା ନାଶ ହୋଇ ଯାଇଥାଏ । କିନ୍ତୁ ବୌଦ୍ଧିକ ବାସନା ପୂର୍ବପରି ରହିଥାଏ ।

ଋଷିମାନେ ସୁଦ୍ଧା କାମ ପାଖରେ ପରାଜୟ ସ୍ୱୀକାର କରିଛନ୍ତି । ତେଣୁ ସେମାନେ କାମଭାବନାକୁ ଶ୍ରୀକୃଷ୍ଣାର୍ପଣ କରି ନିଷ୍କାମ ହେବା ପାଇଁ ମନସ୍ଥ କରି ଗୋପୀ ରୂପ ଧାରଣ କରି ଗୋକୁଳରେ ପହଞ୍ଚି ଯାଇଥିଲେ ।

## କଫି ଦୂର କରେ କ୍ୟାନ୍ସର

ଦୈନନ୍ଦିନ କଫି ପିଉଥିବା ମହିଳାଙ୍କ ନିକଟରେ ଗର୍ଭାଶୟ କ୍ୟାନସର ହେବାର ଆଶଙ୍କା କମ୍ ଥାଏ । ନିକଟରେ ବିଶ୍ୱ କ୍ୟାନସର ଗବେଷଣା କେନ୍ଦ୍ରଦ୍ୱାରା ହୋଇଥିବା ଏକ ଗବେଷଣାରେ ଏହି ତଥ୍ୟ ସାମ୍ନାକୁ ଆସିଛି । ଏହାବ୍ୟତୀତ ଦୈନିକ ୨ ରୁ ୩ କପ୍ କଫି ପିଉଥିବା ବ୍ୟକ୍ତିଙ୍କ ନିକଟରେ ଲିଭର୍ କ୍ୟାନସର ହେବାର ଆଶଙ୍କା ୫୦ ପ୍ରତିଶତ କମ୍ ଥାଏ ବୋଲି ଏହି ଗବେଷଣାରୁ ଜଣାପଡିଛି । ପୂର୍ବରୁ ମଧ କଫି ଏବଂ ଏହାର ଉପକାରୀ ଗୁଣ ସମ୍ବନ୍ଧରେ ଅନେକ ଗବେଷଣା ହୋଇଥିଲା । କଫି ପିଇବା ଦ୍ୱାରା ଶ୍ୱାସ ଏବଂ ପାର୍କିନସନ୍ ପରି ରୋଗ ହେବାର ଆଶଙ୍କା କମ୍ ରହିଥାଏ । ୨୦୧୨ ମସିହାରେ ହୋଇଥିବା ଏକ ଗବେଷଣା ଅନୁଯାୟୀ, କଫିରେ ଥିବା କଫିନ୍ ପାର୍କିନସନରେ ପୀଡିତ ରୋଗୀଙ୍କ ପାଇଁ ବରଦାନ ସ୍ୱରୂପ । ପାର୍କିନସନ ରୋଗ ଦୂର କରିବାରେ ଏହା ଅନେକମାତ୍ରାରେ ସାହାଯ୍ୟ କରିଥାଏ ।

# ଧାନ ଅଭାବରେ ମନୋବିକାର ଉତ୍ପନ୍ନ ହୁଏ

ଆମ ମନର ସ୍ୱଭାବ ଚଞ୍ଚଳ, ସେଥିପାଇଁ ଆମର ମନ ସହଜରେ ସ୍ଥିର ଓ ଏକାଗ୍ର ହୋଇପାରେ ନାହିଁ । ଏବଂ ଯଦି ବା ସ୍ଥିର ହୁଏ, ତ ସହଜରେ ଭ୍ରମିତ ହୋଇଯାଏ । ସାଧାରଣ ଜୀବନରେ ମନ ଅସ୍ଥିର ହେବା, ମନ ଭ୍ରମିତ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା, କିନ୍ତୁ ଯଦି ମନର ଏହି ଅସ୍ଥିରତା ବହୁତ ଅଧିକ ହୁଏ, ତେବେ ଏହାକୁ ଅବହେଳା କରିବା ଠିକ୍ ନୁହେଁ, କାରଣ ମନ ଅସ୍ଥିର ହେବା ମଧ ଏକ ପ୍ରକାର ମନୋବିକାର, ଯାହାକୁ ମନୋବିଜ୍ଞାନର ଭାଷାରେ 'ଧାନ ଅଭାବ ଅତିସକ୍ରିୟତା ବିକାର' କୁହାଯାଏ ।

ଏହା ଏକ ମନୋବୈଜ୍ଞାନିକ ଓ ମାନସିକ ସମସ୍ୟା, ଯାହା ସାଧାରଣତଃ ପିଲା ଓ କିଶୋରଙ୍କ ଠାରେ ଦେଖିବାକୁ ମିଳେ । ଯଦି ଠିକ୍ ସମୟରେ ଏହାର ଉପଚାର କରା ନ ଯାଏ, ତ ବୟସ୍କ ଅବସ୍ଥାରେ ମଧ ଏହାର ଲକ୍ଷଣ ଦେଖା ଯାଇପାରେ । ପ୍ରାରମ୍ଭିକ ସମୟରେ ଯେ କୌଣସି ମନୋବିକାର ବହୁତ ସାମାନ୍ୟ ଲକ୍ଷଣ ସହିତ ଆରମ୍ଭ ହୋଇଥାଏ, କିନ୍ତୁ ଯଦି ଏହା ଉପରେ ଗୁରୁତ୍ୱ ଦିଆ ନ ଯାଏ, ଏ ଉପରେ ଧାନ ଦିଆ ନଯାଏ, ତେବେ ଏହାର ଲକ୍ଷଣ ଧୀରେ ଧୀରେ ସ୍ପଷ୍ଟ ରୂପେ ଉତ୍ପନ୍ନ ହୋଇ ସାମନାକୁ ଆସିବାରେ ଲାଗେ ଏବଂ ନିଜ ବିକାରର ଗମ୍ଭୀରତାକୁ ଦର୍ଶାଇଥାଏ । ଉଦାହରଣ ସ୍ୱରୂପ ଚିନ୍ତା ଓ ଚାପ ଆମ ସମସ୍ତଙ୍କର ଥାଏ, କିନ୍ତୁ ଯଦି ଆବଶ୍ୟକତା ଠାରୁ ଅଧିକ ଚିନ୍ତା ଓ ଚାପ ଆମକୁ ଘେରି ରହେ, ତେବେ ସେହି କାରଣରୁ ତା ସହିତ ସମ୍ବନ୍ଧିତ ମନୋରୋଗ ଆମ ଭିତରେ ଜନ୍ମ ନେଇଥାଏ ।

ଏହିପରି କାହାର ଧାନ ନ ଲାଗିବା ଓ ମନକୁ ସହଜରେ କୌଣସି କାର୍ଯ୍ୟରେ କେନ୍ଦ୍ରିତ କରି ନ ପାରିବା କୌଣସି ବିକାର ନୁହେଁ, କିନ୍ତୁ ଯେତେବେଳେ ଏହି ପ୍ରକ୍ରିୟା ଆମ ସ୍ୱଭାବର ଅଙ୍ଗ ହୋଇଯାଏ, ଆମକୁ ବିଚଳିତ ଓ ବ୍ୟତିବ୍ୟସ୍ତ କରିବାରେ ଲାଗେ ତ ଏହା ଧୀରେ ଧୀରେ ଧାନ ଅଭାବ ଅତିସକ୍ରିୟତା ମନୋବିକାରରେ ପରିଣତ ହୋଇଯାଏ, ଯାହାର ଉପଚାର କରିବା ଜରୁରୀ ହୋଇଥାଏ ।

ଧାନ ଅଭାବ ଅତିସକ୍ରିୟତା ବିକାରର ମୁଖ୍ୟ ଲକ୍ଷଣ ହେଉଛି- ଧାନ ଦେବାରେ ଅସୁବିଧା, ହେବା, ଆବେଗପୂର୍ଣ୍ଣ ବ୍ୟବହାର, ଅସାବଧାନତା ଓ ଅତିସକ୍ରିୟତା ଆଦି । ଏହି ବିକାରରେ ପୀଡିତ ବ୍ୟକ୍ତି ମଧରେ ଆତ୍ମସମ୍ମାନର ଅଭାବ, ସମ୍ପର୍କ ବା ସମ୍ବନ୍ଧ ଗୁଡିକରେ ଉତ୍ତେଜନା ଏବଂ ବିଦ୍ୟାଳୟ ବା କାର୍ଯ୍ୟସ୍ଥଳରେ କେତେ ପ୍ରକାର ସମସ୍ୟା ଆଦି ଉତ୍ପନ୍ନ ହୋଇଯାଏ । ଯେହେତୁ ଏପରି ଲୋକଙ୍କୁ ଧାନ ଦେବାରେ ଅସୁବିଧା ଅନୁଭବ ହୋଇଥାଏ । ସେଥିପାଇଁ ମାନେ ମୁସ୍କିଲରେ ନିଜର କାର୍ଯ୍ୟ ଓ ଗତିବିଧି ଗୁଡିକର ସଞ୍ଚାଳନ କରି ପାରନ୍ତି ।

ଏହି ବିକାର କାରଣରୁ ପିଲାମାନଙ୍କୁ ନିଜ ବିଦ୍ୟାଳୟରୁ ମିଳୁଥିବା ଏଭଳି କାର୍ଯ୍ୟ, ଯେଉଁଥିରେ ସେମାନଙ୍କର ରୁଚି ନ ଥାଏ, ସେଗୁଡିକୁ ପୁରା କରିବା ସେମାନଙ୍କୁ ମୁସ୍କିଲ ଲାଗିଥାଏ । ବୟସ୍କମାନଙ୍କ ମଧରେ ଏହି ବିକାର ହେଲେ ସେମାନେ ଏଭଳି ପରିସ୍ଥିତି ଗୁଡିକରେ ମଧ ବ୍ୟଗ୍ର ହୋଇଯାନ୍ତି, ଯାହା ବହୁତ ସାଧାରଣ ହୋଇଥାଏ । ଏହି ବିକାରରେ ଗ୍ରସ୍ତ ବ୍ୟକ୍ତି ଆବେଗପୂର୍ଣ୍ଣ ସ୍ଥିତିରେ ଗୋଟିଏ ସ୍ଥାନରେ କିଛି ସମୟ ପାଇଁ ନିଶ୍ଚିନ୍ତ ହୋଇ ବସିପାରେ ନାହିଁ ଏବଂ ସ୍ଥିତି ପ୍ରତିକୂଳ ହେଲେ ସେ ନିଜର ସ୍ଥାନ ହିଁ ଛାଡିଦିଏ ।

ଏପରି ଲୋକେ ଛୋଟ କଥାରେ ମଧ ବିପଜ୍ଜନକ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୋଇଯାନ୍ତି ଅଥବା କୌଣସି କଥାରେ ତୁରନ୍ତ ନିଜର ପ୍ରତିକ୍ରିୟା ପ୍ରକାଶ କରି ଦିଅନ୍ତି, ବିଲକୁଲ ଧୈର୍ଯ୍ୟ ଧରନ୍ତି ନାହିଁ ଏବଂ କିଛି କରିବା ପୂର୍ବରୁ ଚିନ୍ତା ବିଚାର କରନ୍ତି ନାହିଁ । ଏପରି ବ୍ୟକ୍ତିଙ୍କୁ କୌଣସି କାର୍ଯ୍ୟ ପାଇଁ ନିଜ ପାଳିର ଅପେକ୍ଷା କରିବା ମୁସ୍କିଲ ପ୍ରତୀତ ହୋଇଥାଏ । ଏପରି ଲୋକେ କଥାବାର୍ତ୍ତା କରିବାରେ ସର୍ବଦା ବାଧା ଦିଅନ୍ତି ଏବଂ ଜବରଦସ୍ତି କୌଣସି ପ୍ରସଙ୍ଗକୁ ନେଇ ସେ ଉପରେ ତର୍କ କରିବାରେ ଲାଗିଯାନ୍ତି ।

ଧାନ ଅଭାବ ଅତିସକ୍ରିୟତା ବିକାର ଅଧିକାଂଶତ । ଆନୁବଂଶିକ ହୋଇଥାଏ । ଅବଶ୍ୟ କିଛି ଅନ୍ୟ କାରଣ ବି ଏଥିପାଇଁ ଦାୟୀ ହୋଇଥାଏ । ଯେପରି ଏହି ବିକାର ମସ୍ତିଷ୍କରେ ନ୍ୟୁରୋଟ୍ରାନ୍ସମିଟର୍ସର ଅସନ୍ତୁଳନ କାରଣରୁ ବା ସେଗୁଡିକ ଠିକ୍ ରୂପେ କାର୍ଯ୍ୟ କରି ନ ପାରିବା କାରଣରୁ ବି ହୋଇଥାଏ । ଦେଖାଯାଉଛି ଯେ ଅବିକଶିତ ବା କମ୍ ଓଜନର ସହିତ ଯେଉଁ ପିଲାମାନେ ଜନ୍ମ ହୋଇଥାନ୍ତି କିମ୍ବା ଯେଉଁ ପିଲାମାନଙ୍କୁ ମୂର୍ଚ୍ଛାରୋଗ ହୋଇଥାଏ, ସେମାନଙ୍କର ଏହି ସମସ୍ୟା ଅଧିକ ଥାଏ । ମସ୍ତିଷ୍କରେ କୌଣସି କାରଣରୁ କ୍ଷତ ହେବା ମସ୍ତିଷ୍କରେ ଆଘାତ ଲାଗିବା ଯୋଗୁଁ ପିଲାଙ୍କ ମଧରେ ଏହି ବିକାର ରହିବାର ଆଶଙ୍କା ଅଧିକ ହୋଇଥାଏ ।

ପିଲାଙ୍କ ମଧରେ ଏହି ବିକାରକୁ ଶିଶୁ ମନୋଚିକିତ୍ସକ ବା ଶିଶୁ ରୋଗ ବିଶେଷଜ୍ଞ ହିଁ ଚିହ୍ନଟ କରି ପାରନ୍ତି । କେବେ କେବେ ଏପରି ପିଲାମାନେ ମାତାପିତାଙ୍କ ପାଇଁ ବହୁତ ସମସ୍ୟାର କାରଣ ହୋଇଯାନ୍ତି । କିଶୋରମାନେ ଏହି ବିକାରରେ ପୀଡିତ ହେଲେ ସଡ଼କ ଦୁର୍ଘଟଣାରେ ଆହତ ହେବାର ପ୍ରବୃତି ଅଧିକ ରହିଥାଏ । ଏହି ବିକାର ଲୋକଙ୍କୁ ଏତେ ସାଧାରଣ ଜଣାପଡେ ଯେ ଏହାକୁ ବଡ଼ କଷ୍ଟରେ ସେତେବେଳେ ଚିହ୍ନି ହୁଏ, ଯେତେବେଳେ ଏହି ବିକାରର ଲକ୍ଷଣ ବହୁତ ବଢ଼ିଯାଏ ଏବଂ କେତେକ ପ୍ରକାର ସମସ୍ୟା ସୃଷ୍ଟି କରିବାରେ ଲାଗେ । ଏହି ବିକାର ଜଟିଳ ହେଲେ ପିଲା ବା କିଶୋରଙ୍କୁ ନିଜର ପାଠ ପଢ଼ା ଛାଡିବାକୁ ପଡିପାରେ । ଏହି ବିକାରରେ ଗ୍ରସ୍ତ ବୟସ୍କମାନଙ୍କ ମାନସିକ କ୍ଷମତା ଦୁର୍ବଳ ହୋଇଯାଏ । ଏହି ବିକାରରେ ଗ୍ରସ୍ତ କେତେକ ଲୋକ ମଦ ବା ଅନ୍ୟ ନିଶା ପଦାର୍ଥର ଉପଯୋଗ କରିବାରେ ଲାଗନ୍ତି, ଯଦ୍ଦ୍ୱାରା ସେମାନଙ୍କ ସାମାଜିକ ଛବି ମଧ ଖରାପ ହୋଇଯାଏ ।

ଏହି ବିକାରର ଉପଚାର ନିମନ୍ତେ ପରାମର୍ଶ, ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଔଷଧର ପ୍ରୟୋଗ କରାଯାଏ । ଯେଉଁ ପିଲାଙ୍କ ମଧରେ ଏହାର ଲକ୍ଷଣ ଗମ୍ଭୀର ହୋଇଥାଏ, ସେମାନଙ୍କ ଔଷଧ ଦ୍ୱାରା ହିଁ ପ୍ରାରମ୍ଭିକ ଉପଚାର କରାଯାଏ ତଥା କିଶୋର ଓ ବୟସ୍କଙ୍କ ମଧରେ ବି ଉପଚାରର ଏହି ଉପାୟ ଗ୍ରହଣ କରାଯାଏ ।

ଧାନ ଅଭାବ ଅତିସକ୍ରିୟତା ମନୋବିକାରରେ ଧାନର ଅଭାବ ଏବଂ ବ୍ୟକ୍ତି ମଧରେ ଅତିସକ୍ରିୟତା ହେଉଥିବାରୁ, ସେ ଗୋଟିଏ ଜାଗାରେ ସ୍ଥିର ରହିପାରେ ନାହିଁ, କିନ୍ତୁ ଯଦି ଏହି ବିକାରରେ ଗ୍ରସ୍ତ ବ୍ୟକ୍ତି ନିୟମିତ ଯୋଗାସନ ଅଭ୍ୟାସ କରି ଧାନ କରିବାର ଚେଷ୍ଟା କରେ, ତେବେ ତାକୁ ଏହି ମନୋବିକାରକୁ ନିୟନ୍ତ୍ରଣ କରିବା ଓ ଠିକ୍ କରିବାରେ ଲାଭ ମିଳିପାରେ ।

ଏହା ବ୍ୟତୀତ ଏହି ମନୋବିକାରରେ ଗ୍ରସ୍ତ ପିଲା ଓ କିଶୋରମାନଙ୍କୁ ମନ୍ତ୍ରଗୁଡିକର ଉଚ୍ଚାରଣ ଶିଖାଇବା ଦରକାର, କାରଣ ମନ୍ତ୍ର ଉଚ୍ଚାରଣ ମାତ୍ରେ ଆମ ମସ୍ତିଷ୍କରେ ଏଭଳି ଉର୍ଜାରେ ପ୍ରଭାବ ହୋଇଥାଏ, ଯାହା ଆମର ଧାନକୁ ଏକାଗ୍ର କରିବାରେ ସହାୟକ ହୋଇଥାଏ । ଏଥିରେ ଗାୟତ୍ରୀ ମନ୍ତ୍ରର ନିୟମିତ ଉପାସନା ଅତ୍ୟନ୍ତ ପ୍ରଭାବଶାଳୀ ପରିଣାମ ଉତ୍ପନ୍ନ କରୁଥିବା ଦେଖାଯାଇଛି । ଏହା ଅତିରିକ୍ତ ପିଲା ଓ କିଶୋରମାନଙ୍କୁ ସରଳ ସ୍ତୁତି, ସ୍ତୋତ୍ର, ଶ୍ରୀରାମଚରିତ ମାନସର ଦୋହା ଆଦି ଶିଖା ଯାଇପାରେ, କାରଣ ଏସବୁରେ ଦେବୀ-ଦେବତାଙ୍କର ସୂକ୍ଷ୍ମ ଉର୍ଜାର ନିବାସ ଥାଏ, ଯାହା ଆମର ମନୋବିକାରଗୁଡିକୁ ଦୂର କରିଥାଏ, ଆମର ଆତ୍ମ ବିଶ୍ୱାସ ବଢ଼ାଇଥାଏ ଏବଂ ଆମକୁ ପ୍ରାଣଶକ୍ତିରେ ଭରପୂର କରିଥାଏ । ଧାନ ଅଭାବ ଅତିସକ୍ରିୟତା ବିକାରର ଲକ୍ଷଣ ଯଦି କାହା ଠାରେ ଦେଖନ୍ତି ତ ତାକୁ ଏପରି କାର୍ଯ୍ୟ କରିବା ପାଇଁ ପ୍ରେରିତ କରିବା ଉଚିତ, ଯାହାକୁ କରିବା ପାଇଁ ଶାରୀରିକ ଓ ମାନସିକ ଗତିବିଧି ଦରକାର ହେଉଥିବ ଏବଂ ସେହି କାର୍ଯ୍ୟରେ ତା'ର ରୁଚି ବି ଥିବ । ଏହା ସହିତ ତା'ର କାଉନସେଲିଙ୍ଗ କରିବା ବି ଜରୁରୀ, ତା' ମନର କଥା ବୁଝିବା ଜରୁରୀ, କାରଣ ମନୋଗ୍ରନ୍ଥିଗୁଡିକ ଖୋଲିଗଲେ ବ୍ୟକ୍ତି ଉନ୍ମୁକ୍ତ ହୋଇ ନିଜର କାର୍ଯ୍ୟ କରିପାରେ ଏବଂ ନିଜ ମନକୁ ଏକାଗ୍ର କରିବାର କଳା ମଧ ଶିଖିପାରେ ।

## ଆଜିର ଚିନ୍ତନ

ଧର୍ମରାଜ ଯୁଧିଷ୍ଠିରଙ୍କ ପୌରୋହିତ୍ୟରେ ରାଜସୂୟ ଯଜ୍ଞ ରହିଥାଏ । ଏଥିରେ ଯୋଗଦେବାକୁ ଅନେକ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା । ନିମନ୍ତ୍ରଣ ରକ୍ଷା କରି ଦୂରଦୂରାନ୍ତରରୁ ବହୁ ଲୋକ ଏଥିରେ ଯୋଗ ଦେଇଥାନ୍ତି ।

ଅତିଥିମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ନିମନ୍ତେ ଯଥୋଚିତ ବ୍ୟବସ୍ଥା କରାଯାଇଥିଲା । ସେମାନଙ୍କର ଅଭ୍ୟର୍ଥନା ଓ ଚର୍ଚ୍ଚାରେ ଯେପରି ସାମାନ୍ୟ ତ୍ରୁଟି ନ ହୁଏ ସେ ନିମନ୍ତେ ଖୋଦ ପାଣ୍ଡବ ପାଞ୍ଚଭାଇଙ୍କ ସମେତ ଅନ୍ୟମାନେ ନିୟୋଜିତ ରହିଥିଲେ ।

ଠିକ୍ ସମୟରେ ପାଣ୍ଡବମାନଙ୍କର ସଖା, ମାର୍ଗଦର୍ଶକ ଶ୍ରୀକୃଷ୍ଣ ପହଞ୍ଚିଲେ । ଦେଖିଲେ ଏହି ବିରାଟ ଯଜ୍ଞକାର୍ଯ୍ୟକୁ ସୁଚାରୁରୂପେ ସମ୍ପନ୍ନ କରିବା ନିମନ୍ତେ ଅଗଣିତ ଲୋକ ବିଭିନ୍ନ କାମରେ ନିଷ୍ଠାର ସହ ଲାଗିଛନ୍ତି । ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ସ୍ୱାଗତ କରିବା ସହ ବସିବା ପାଇଁ ଉପଯୁକ୍ତ ଆସନ ଦେଇଥିଲେ ।

ଆସନ ଗ୍ରହଣ ପରେ ଯୁଧିଷ୍ଠିରଙ୍କୁ ଶ୍ରୀକୃଷ୍ଣ କହିଲେ ଧର୍ମରାଜ ଏହି ବିରାଟ ଧର୍ମାନୁଷ୍ଠାନରେ ଆପଣ ଅଗଣିତ ଲୋକଙ୍କୁ ସେବା କରିବାର ସୁଯୋଗ ଦେଇଛନ୍ତି । ଯେଉଁମାନେ ସହାୟତା କରୁଛନ୍ତି ସେମାନେ ପ୍ରକୃତରେ ଧନ୍ୟ, ଆପଣ ମୋତେ ଯଦି ସେବା କରିବାର ଅବସର ଦିଅନ୍ତେ ବହୁତ ଖୁସି ହୁଅନ୍ତି । ଏଥିରେ ସାମିଲ ହୋଇ ଏହି ସେବାର ସୁଯୋଗ ହାତଛଡ଼ା କରିବାକୁ ମୁଁ ଚାହୁଁନି । ପ୍ରତ୍ୟେକ ଯେହେତୁ ନିଜ କ୍ଷମତା ଅନୁସାରେ କାମ କରୁଛନ୍ତି, ମୋର ମଧ କିଛି କାମ କରିବା ଉଚିତ ।

ଯୁଧିଷ୍ଠିର ନମ୍ର ଭାବରେ କହିଲେ ଭଗବାନ କାମ କରିବା ନିମନ୍ତେ ବହୁତ ଲୋକ ଅଛନ୍ତି । ଆପଣ କାହିଁକି କଷ୍ଟ କରିବେ ? ଆହୁରି ମଧ ଆପଣଙ୍କ ଯୋଗ୍ୟ କୌଣସି କାର୍ଯ୍ୟ ନାହିଁ । ଏହାଶୁଣି ଶ୍ରୀକୃଷ୍ଣ ହସି ହସି କହିଲେ ସେବା କରିବା ପାଇଁ ସ୍ତର ଦେଖାଯାଏ ନାହିଁ । ଯେ କୌଣସି ପ୍ରକାର କାର୍ଯ୍ୟ ମାଧ୍ୟମରେ ଏହା କରାଯାଇପାରେ । ଏହା ଆନ୍ତରିକତାର ସହ କରାଯାଇଥାଏ । ନିଃସ୍ୱାର୍ଥ ଭାବନାରେ ଏହି କାର୍ଯ୍ୟ କରାଯାଉଥିବାରୁ ସେବାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇଥାଏ । ତେଣୁ ଆପଣ କହିଲେ ନ କହିଲେ କିଛି ଫରକ ନାହିଁ । ମୁଁ ନିଜ ପାଇଁ ଯୋଗ୍ୟ କାର୍ଯ୍ୟ ନିଜେ ହିଁ ବାଛିନେବି । ଏହା କହି ଶ୍ରୀକୃଷ୍ଣ କାର୍ଯ୍ୟ ଖୋଜିବାରେ ଲାଗିଲେ । ସେ ଦେଖିବାକୁ ପାଇଲେ ଅନେକ ଲୋକ ଏକତ୍ର ଭୋଜନ କରି ଉଠୁଛନ୍ତି । ଉତଫୁଲ୍ଲ ହୋଇ କହିଲେ ମୋତେ କାମ ମିଳିଗଲା, ଏହା କହି ଅଇଁଠା ପତ୍ର ଉଠାଇବାରେ ଲାଗିଲେ । ଧର୍ମରକ୍ଷକ ଯୁଧିଷ୍ଠିର ପରମହିତୈଷୀ ମିତ୍ର ଶ୍ରୀକୃଷ୍ଣଙ୍କର ଏଭଳି ସେବା ଭାବଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଉପସ୍ଥିତ ସମସ୍ତେ ମଧ ଶ୍ରୀକୃଷ୍ଣଙ୍କ ଏଭଳି ଅପୂର୍ବ ସେବା ଭାବର ପ୍ରଶଂସା କରିବାକୁ ଲାଗିଲେ ।

## ଝାରସୁଗୁଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏଥିରେ ଜିଲ୍ଲାପାଳ ସରୋଜ କୁମାର ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଗାମୀ ଦିନରେ ଆଗାମୀ ଦିନରେ ଜିଲ୍ଲାର ବହୁମୁଖୀ ବିକାଶ ହେବ ବୋଲି କହିଛନ୍ତି ।

ପ୍ରତିଷ୍ଠା ଦିବସକୁ ପାଳନ ଅବସରରେ ଝାଡ଼େଶ୍ୱର ମନ୍ଦିର ଓ କନକ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ମନମୋହନ ସ୍କୁଲ ପଡ଼ିଆରେ ସଭା ଆୟୋଜନ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ସାମଲଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ ସାହୁ, ଅତିରିକ୍ତ ଜିଲ୍ଲାପାଳ ଲିଲି କୁମାରୀ କୁଲୁ, ଅତିରିକ୍ତ ଆରକ୍ଷୀ ଅଧିକାରୀ ନୃପଚରଣ ତନସନା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ତପିରାମ ମାଝୀ, ଉପଜିଲ୍ଲାପାଳ ଶିବ ଟପ୍ପୋ, ବରିଷ୍ଠ ନାଗରିକ ସଂଘର ପୂର୍ବତନ ସଭାପତି ବାଳଗୋବିନ୍ଦ ମିଶ୍ର ଓ ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ ମଞ୍ଚରେ ଉପସ୍ଥିତ ଥିଲେ । ଦୁଲଦୁଲି କୋର କମିଟି ସଂଯୋଜକ ତାପସ ରାୟ ଚୌଧୁରୀ ସଭା ସଞ୍ଚାଳନ କରିଥିବା ବେଳେ ଟହଲୁ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସନ୍ଦୀପ ଅବସ୍ଥି ସ୍ୱାଗତ ଭାଷଣ ଦେଇଥିଲେ । ଦୁଲଦୁଲିର ସ୍ମରଣିକାକୁ ସାଙ୍କେତିକ ଭାବରେ ଉନ୍ମୋଚନ କରାଯାଇଥିଲା ।

ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୫୩ ଜଣ ପ୍ଲାଜମା ଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୫୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

# ଗଣମାଧମ ଉପଭୋକ୍ତା ଅଭିବୃଦ୍ଧି ୨୦୧୮-୨୦

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଭାରତର ଗଣମାଧମ ଉପଭୋକ୍ତା ସଂଖ୍ୟାରେ ୨୦୧୮ରୁ ୨୦୨୦ ତିନିବର୍ଷ ମଧରେ ଅଭିବୃଦ୍ଧି ପରିସଂଖ୍ୟାନ ଅଧୟନ କେତେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟତଃ, ୨୦୧୪ରୁ କେନ୍ଦ୍ର ସରକାରଙ୍କ ଡ଼ିଜିଟାଲ ନୀତି ନିର୍ଦ୍ଧାରଣ ତଥା ରାଜ୍ୟ ସରକାରମାନଙ୍କ ଅନୁସରଣ, ୨୦୧୬ରୁ ରିଲାଏନ୍ସ ଜିଓ ଆନୁକୂଲ୍ୟରେ ୪ଜି କାରିଗରୀ କୌଶଳ ଉପଯୋଗ ଏବଂ ଟେଲିଯୋଗାଯୋଗ କ୍ଷେତ୍ରରେ ବ୍ୟାବସାୟିକ ପ୍ରତିଯାଗିତା ହେତୁ ଇଣ୍ଟରନେଟ ବ୍ୟବହାର ଦରହ୍ରାସ କାରଣରୁ ଡିଜିଟାଲ ମଞ୍ଚର ବ୍ୟାପକ ପ୍ରସାର ଘଟିଥିଲା । ସର୍ବୋପରି କାରିଗରୀ କୌଶଳ ବିକାଶରେ ଅତ୍ୟାଧୁନିକ ଡିଜିଟାଲ ସାଜସରଞ୍ଜାମ ଉଭୟ ପ୍ରସାରଣ ଓ ଆହରଣ କ୍ଷେତ୍ରରେ ପରିବର୍ତ୍ତିତ ପରିବେଶ ସୃଷ୍ଟି କରିଛି ।

ଉଦାହରଣରେ ଦୈନିକ ସମ୍ବାଦପତ୍ର ପଠନ ମୁଦ୍ରିତ ପୃଷ୍ଠା ବଦଳରେ ଡେସ୍କଟପ, ଲ୍ୟାପଟପ, ଟେବଲେଟ ଓ ମୋବାଇଲ ଡିଜିଟାଲ ପର୍ଦ୍ଦାକୁ ସ୍ଥାନାନ୍ତରିକରଣ ପ୍ରକ୍ରିୟା କ୍ରମଶଃ ଡିଜିଟାଲ ମଞ୍ଚର ଆଧିପତ୍ୟ ପ୍ରମାଣିତ କରିଥାଏ । ଆନ୍ତର୍ଜାତିକସ୍ତରରେ ‘ଦି ନିଉୟର୍କ ଟାଇମ୍ସ’ ୭୦ ଲକ୍ଷ ଡିଜିଟାଲ ଗ୍ରାହକ ସଂଗ୍ରହରେ ସମର୍ଥ ହୋଇଥିବା ସ୍ଥଳେ ‘ଦି ୱାଶିଂଟନ ପୋଷ୍ଟ’ ୩୦ ଲକ୍ଷ, ‘ଦି ୱାଲଷ୍ଟ୍ରୀଟ ଜର୍ଣ୍ଣାଲ’ ୨୪ ଲକ୍ଷ, ‘ଦି ଗାଡ଼ିଆନ’ ନଅ ଲକ୍ଷ, ‘ଦି ଇକନୋମିଷ୍ଟ’ ସାତଲକ୍ଷ ୯୬ ହଜାର, ‘ଦି ଆଟଲାଣ୍ଟିକ’ ଚାରି ଲକ୍ଷ, ‘ଦି ଟାଇମ୍ସ’ ତିନି ଲକ୍ଷ ୩୭ ହଜାର, ‘ଦି ଟେଲିଗ୍ରାଫ’ ତିନି ଲକ୍ଷ ୩୫ ହଜାର, ‘ଦି ନିଉୟର୍କର’ ଦୁଇ ଲକ୍ଷ ୪୨ ହଜାର ଓ ‘ନ୍ୟାସନାଲ ଜିଓଗ୍ରାଫିକ’ ଏକ ଲକ୍ଷ ୪୨ ହଜାର ସୀମା ୨୦୨୦ ଶେଷ ସୁଦ୍ଧା ଅକ୍ତିଆର କରିଥିବା ହିସାବ କରାଯାଏ ।

‘ଦି ନିଉୟର୍କ ଟାଇମ୍ସ’ର ମୁଦ୍ରିତ ସଂସ୍କରଣ ତୁଳନାରେ ଡିଜିଟାଲ ସଂସ୍କରଣର ଗ୍ରାହକ ଚାନ୍ଦା ବାବଦରେ ଆୟ ବୃଦ୍ଧି ପାଇଥିବା ନଭେମ୍ବର ମାସରେ ଘୋଷଣା କରାଯାଇଥିଲା । ଟାଇମ୍ସ ପକ୍ଷରୁ ୨୦୧୧ରେ ପ୍ରଥମ ଥର ନିମନ୍ତେ ଡିଜିଟାଲ ସଂସ୍କରଣର ଗ୍ରାହକ ଚାନ୍ଦା ସଂଗ୍ରହ ଉଦ୍ୟମ ଆରମ୍ଭ ହୋଇଥିଲା । ସେହି ସମୟରେ ମୁଦ୍ରିତ ସଂସ୍କରଣର ଯୁଗ ଶେଷ ହୋଇ ଆସୁଥିବାର ଯେଉଁ ପୂର୍ବାନୁମାନ କରାଯାଇଥିଲା ତାହା ଦଶ ବର୍ଷପରେ ସତ୍ୟ ପ୍ରମାଣିତ ହେଲା । ଉଲ୍ଲେଖନୀୟ ବିଷୟ ଏହି ଯେ ମହାମାରୀଜନିତ ପରିସ୍ଥିତିରେ ‘ଟାଇମ୍ସ’ର ଡିଜିଟାଲ ସଂସ୍କରଣର ଗ୍ରାହକ ସଂଖ୍ୟା ତିନି ଲକ୍ଷ ୯୩ ହଜାର ବୃଦ୍ଧି ପାଇଥିଲା । ଗ୍ରାହକ ଚାନ୍ଦା ଆୟ ବୃଦ୍ଧି ଫଳରେ ଟାଇମ୍ସ ବିଜ୍ଞାପନ ଆଶ୍ରିତ ପ୍ରକାଶନ ମଡ଼େଲରୁ ମୁକ୍ତି ପାଇଛି ବୋଲି କହିବାକୁ ହେବ ।

ସେହିପରି ଟେଲିଭିଜନ କ୍ଷେତ୍ରରେ ଓଭର-ଦି-ଟପ ‘ଓଟିଟି’ ମଞ୍ଚର ଆବିର୍ଭାବ ଫଳରେ କାର୍ଯ୍ୟକ୍ରମ ପ୍ରଦର୍ଶନ ପାରମ୍ପରିକ ସେଟଲାଇଟ ଓ କେବଲ ପ୍ରସାରଣରୁ ମୁକ୍ତ ହୋଇ ଇଣ୍ଟରନେଟ ମାଧମରେ ମୋବାଇଲ ପର୍ଦ୍ଦାକୁ ସ୍ଥାନାନ୍ତରିତ ହୋଇଛି । ଫଳରେ ଓଟିଟି ମଞ୍ଚରେ ଆନ୍ତର୍ଜାତିକସ୍ତରରେ ଦର୍ଶକ ସୃଷ୍ଟି ସଂଭବପର ହୋଇପାରିଛି । ମହାମାରୀ କଟକଣାରେ ଦୀର୍ଘକାଳ ଚଳଚିତ୍ର ପ୍ରେକ୍ଷାଳୟ ବନ୍ଦରହିବା ତଥା ଅନେକ ପ୍ରାନ୍ତରେ ଭୂତାଣୁ ପ୍ରକୋପ ଶିଥିଳ ହେବା ପରେ ପ୍ରେକ୍ଷାଳୟମାନ ପୁନଃ କାର୍ଯ୍ୟକ୍ଷମ ହେଲେ ସୁଦ୍ଧା ସଂକ୍ରମଣ ଭୟରେ ଆଶାନୁରୂପ ଦର୍ଶକ ନଆସିବା ଫଳରେ ଉଭୟ ହଲିଉଡ଼ ଓ ବଲିଉଡ଼ ଚଳଚିତ୍ର ଓଟିଟି ମୁହାଁ ହେବାକୁ ଆଗ୍ରାହାନ୍ୱିତ ହୋଇଛନ୍ତି ।

ଭାରତରେ ୨୦୧୮ରୁ ୨୦ ତିନିବର୍ଷ ମଧରେ ଗଣମାଧମ ଉପଭୋକ୍ତା ଅଭିବୃଦ୍ଧି ଆନ୍ତର୍ଜାତିକସ୍ତରୀୟ ପ୍ରେକ୍ଷାପଟ୍ଟ ସମତୁଲ ନହେଲେହେଁ ପାରମ୍ପରିକ ତୁଳନାରେ ଡିଜିଟାଲ ମଞ୍ଚର ଅଭିବୃଦ୍ଧି ଆଗୁଆ ରହିଥିବା ସୁସ୍ପଷ୍ଟ । ଖ୍ୟାତନାମା ବାଣିଜ୍ୟ-ବ୍ୟବସାୟ ଗବେଷଣା ପ୍ରତିଷ୍ଠାନ ‘ବାଷ୍ଟନ କନସଲଟିଂ ଗ୍ରୁପ’ ପକ୍ଷରୁ ୨୦୨୦ ଡ଼ିସେମ୍ବର ମଧଭାଗରେ ପ୍ରକାଶିତ ଏକ ବିବରଣୀରେ କୁହାଯାଇଛି ଯେ ୨୦୧୮ରୁ ୨୦ ତିନିବର୍ଷ ମଧରେ ଉପଭୋକ୍ତାମାନଙ୍କ ହାରାହାରି ଦୈନିକ ଗଣମାଧମ ଉପଯୋଗ ଟେଲିଭିଜନ ଦେଖାରେ ୬.୭ ପ୍ରତିଶତ, ସମ୍ବାଦପତ୍ର ଓ ଅନ୍ୟାନ୍ୟ ମୁଦ୍ରିତ ପାଠ୍ୟ ପଠନରେ ୦.୩ ପ୍ରତିଶତ ବୃଦ୍ଧି ପାଇଥିବା ସ୍ଥଳେ ଡ଼ିଜିଟାଲ ଭିଡ଼ିଓ ଦେଖାରେ ୧୪.୫ ପ୍ରତିଶତ ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ରେଡ଼ିଓ ଶୁଣାରେ ୦.୪ ପ୍ରତିଶତ ହ୍ରାସ ଘଟିଛି ।

ସେହିପରି ଟେଲିଭିଜନ ଓ ଓଟିଟି ମଞ୍ଚର ଉପଭୋକ୍ତାଙ୍କ ସଂଖ୍ୟାର ତୁଳନାତ୍ମକ ହିସାବରେ ଓଟିଟି ମଞ୍ଚ ବେଶ ଆଗୁଆ ରହିଥିବା ଜଣାଯାଏ । ଟେଲିଭିଜନ ଦର୍ଶକଙ୍କ ସଂଖ୍ୟା ୨୦୧୮ରେ ୧୯ କୋଟି ୪୦ ଲକ୍ଷ, ୨୦୧୯ରେ ୨୦ କୋଟି ଥିବା ସ୍ଥଳେ ୨୦୨୦ରେ ୨୦ କୋଟି ୭୦ ଲକ୍ଷରେ ପହଞ୍ଚିଛି । ଓଟିଟି ମଞ୍ଚରେ ଦର୍ଶକ ସଂଖ୍ୟା ୨୦୧୮ରେ ଚାରି କୋଟି ୯୦ ଲକ୍ଷ ଓ ୨୦୧୯ରେ ସାତ କାଟି ୮୦ ଲକ୍ଷ ଥିବା ସ୍ଥଳେ ୨୦୨୦ରେ ୧୨ କୋଟି ୫୦ ଲକ୍ଷରେ ପହଞ୍ଚିଛି । ମହାମାରୀ ଅବଧିରେ ଓଟିଟି ମଞ୍ଚର ଉପଭାକ୍ତ ସଂଖ୍ୟା ପ୍ରାୟ ୬୦ ପ୍ରତିଶତ ବୃଦ୍ଧି ପାଇଛି ।

ବିଶ୍ୱବ୍ୟାପୀ କୋଭିଡ଼-୧୯ର ୨୦୨୦ରେ ବର୍ଷବ୍ୟାପୀ ପ୍ରାଦୁର୍ଭାବ ୨୦୧୮ରୁ ୨୦୨୦ ତିନିବର୍ଷର ଗଣମାଧମ ଆୟବ୍ୟୟ ହିସାବକୁ ପ୍ରଭାବିତ କରିବା ସ୍ୱାଭାବିକ । ମୁଖ୍ୟତଃ ଦୀର୍ଘକାଳ ଧରି ଲକଡ଼ାଉନ ଏବଂ ପରବର୍ତ୍ତୀ ଅବସ୍ଥାରେ ଶାରିରୀକ ଦୂରତ୍ୱ ରକ୍ଷା ଅଭ୍ୟାସ ଚଳଚିତ୍ର ପ୍ରେକ୍ଷାଳୟ, ଆମୋଦପ୍ରମୋଦ ପାର୍କ ଭଳି ବାହ୍ୟ ପରିବେଶରେ ମନୋରଞ୍ଜନ ବଦଳରେ ଘରୋଇ ମଡ଼େଲରେ ପ୍ରବର୍ତ୍ତିତ ହେବାରେ ଲାଗିଥିଲା । ଉପଭୋକ୍ତାଙ୍କ ଖର୍ଚ୍ଚ ମଧ ସେହି ଧାରା ଅନୁସରଣ କଲା । ମହାମାରୀ-ପର ଅବସ୍ଥାରେ ଉପଭୋକ୍ତାଙ୍କ ଗଣମାଧମ ଆହରଣ ଅଭ୍ୟାସ ପୂର୍ବସ୍ଥିତିକୁ ଫେରିବା ଆଶା କରାଯାଇ ନ ପାରେ । ଗଣମାଧମରେ ଏକ ପରିବର୍ତ୍ତିତ ପରିବେଶ ଅବଶ୍ୟମ୍ଭାବୀ ।

‘କନଫେଡ଼େରେସନ ଅଫ ଇଣ୍ଡିଆନ ଇଣ୍ଡାଷ୍ଟ୍ରୀଜ’ ଆନୁକୂଲ୍ୟରେ ‘ବୋଷ୍ଟନ କନସଲଟିଂ ଗ୍ରୁପ’ ପକ୍ଷରୁ ପ୍ରକାଶିତ ବିବରଣୀ ‘ଲାଇଟସ, କ୍ୟାମେରା, ଆକ୍ସନ...ଦି ସା ଗାସ ଅନ’ରେ କୁହାଯାଇଛି ଯେ ଭାରତରେ ୨୦୧୮ରୁ ୨୦୨୦ ତିନିବର୍ଷ ମଧରେ ଗଣମାଧମର ଅଭିବୃଦ୍ଧି ଜାରି ରହିଥିଲେ ହେଁ ଡିଜିଟାଲ ମଞ୍ଚ ଅଗ୍ରାଧିକାର ଦାବି କରିଛି । ନିକଟ ଭବିଷ୍ୟତରେ ଏହି ଅଭିବୃଦ୍ଧି ଧାରା ବଳବତ୍ତର ରହିବ । ଡିଜିଟାଲ ମଞ୍ଚ ପ୍ରତି ଲୋକପ୍ରିୟତା ବଢୁଥିବା ସ୍ଥଳେ ଉପାଦାନ ‘କଣ୍ଟେଣ୍ଟ’ ପ୍ରସ୍ତୁତି କ୍ଷେତ୍ରରେ ବିବିଧତା, ଉକ୍ରର୍ଷ ଓ ନୂତନ ବ୍ୟାବସାୟିକ ମଡ଼େଲ ଗୁରୁତ୍ୱ ବହନ କରିବ ।

ମହାମାରୀ ଅବସରରେ ଦୀର୍ଘକାଳ ଧରି ଜନସାଧାରଣ ଗୃହାବଦ୍ଧ ରହିବା ହେତୁ ଟେଲିଭିଜନ, ଓଟିଟି ଓ ସ୍ମାର୍ଟଫୋନରେ ଭିଡ଼ିଓ ଆହରଣରେ ସମୟ ଅତିବାହିତ କରିଥିଲେ । ଏହି ସୁଯୋଗରେ ଗ୍ରାହକ ଦେୟ ଯୁକ୍ତ ଭିଡିଓ ପ୍ରଦର୍ଶନ ‘ସବସ୍କ୍ରିପସନ-ଭିଡ଼ିଓ-ଅନ-ଡିମାଣ୍ଡ’ (ଏସଭିଓଡି) ଅର୍ଥାତ ଦର୍ଶକଗଣ ନିଜ ପସନ୍ଦର ଭିଡ଼ିଓ କାର୍ଯ୍ୟକ୍ରମ ଯେକୌଣସି ସମୟରେ ଇଚ୍ଛାମତେ ଦେଖିପାରିବା ଧାରା ଆରମ୍ଭ ହୋଇଥିଲା । ତେବେ ଏହି କ୍ଷେତ୍ରରେ ବହୁ ସଂଖ୍ୟକ ମଞ୍ଚ ଅବତୀର୍ଣ୍ଣ ହେଉଥିବା ତଥା ଆଞ୍ଚଳିକ ଭାଷା ସମୂହରେ ଭିଡ଼ ଜମୁଥିବା ହେତୁ କେବଳ ମୌଳିକ ସୃଜନ ଦୀର୍ଘ ଅବଧିରେ ସଫଳତା ପାଇବା ଆଶା କରା ଯାଇପାରେ । ବିଜ୍ଞାପନ କ୍ଷେତ୍ରରେ ଲକଡ଼ାଉନଜନିତ ବ୍ୟାବସାୟିକ ମାନ୍ଦାବସ୍ଥା ତିନି ବର୍ଷର ହିସାବରେ ବିଘଟନ ସୂତ୍ରପାତ କରାଇଥିଲା । ୨୦୧୯ର ବିଜ୍ଞାପନ ବ୍ୟବସାୟ ତୁଳନାରେ ୨୦୨୦ରେ ୧୬ ପ୍ରତିଶତ ଯାଏଁ ହ୍ରାସ ଆକଳନ କରାଯାଉଛି । ଅବଶ୍ୟ ଡିଜିଟାଲ ମଞ୍ଚରେ ୨୦୨୦ରେ ୧୫ ପ୍ରତିଶତ ଆୟ ବୃଦ୍ଧି ସଂଭବ । ତେବେ ସାମଗ୍ରିକଭାବେ ବିଜ୍ଞାପନ ବ୍ୟବସାୟ ଦୁର୍ବଳ ରହିବା ନିଶ୍ଚିତ ।

‘ବାଷ୍ଟନ କନସଲଟିଂ ଗ୍ରୁପ’ର ବିବରଣୀରେ କୁହାଯାଇଛି ଯେ ମହାମାରୀ ହେତୁ ଭାରତୀୟ ଗଣମାଧମ ଶିଳ୍ପ ଗଭୀର ପ୍ରଭାବିତ ହୋଇଛି । ତେବେ ଭାରତର ଭୌଗୋଳିକ ବ୍ୟାପ୍ତି, ଭାଷା ଓ ସାଂସ୍କୃତିକ ବିବିଧତା ସୃଷ୍ଟ ମାନ୍ଦାବସ୍ଥାକୁ ସଜାଡ଼ିବାରେ ସହାୟକ ହେବ । ଏତଦ୍ ବ୍ୟତୀତ ବୈଦେଶିକ ବଜାରରେ ଭାରତୀୟ ସୃଜନର ଚାହିଦା ବ୍ୟାବସାୟିକ ଅଭିବୃଦ୍ଧିରେ ମଧ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସମ୍ଭବ । ସାମଗ୍ରିକଭାବେ ଭାରତରେ ନିକଟ ଭବିଷ୍ୟତରେ ଡିଜିଟାଲ ଓ ଓଟିଟି ଅଭିବୃଦ୍ଧି ଅବ୍ୟାହତ ରହିବା ସହ ପାରମ୍ପରିକ ଗଣମାଧମ ମଞ୍ଚଗୁଡ଼ିକୁ ନୂତନ ବ୍ୟାବସାୟିକ ମଡ଼େଲ ବିକାଶ ନିମନ୍ତେ ବାଧ କରିବ ।

## ଲାଭକାରୀ ଉଷୁମ ଲେମ୍ବୁପାଣି

ଉଷୁମ ଲେମ୍ବୁ ପାଣିରେ ଭିଟାମିନ୍ ସି’ ଏବଂ ପୋଟାସିୟମ ଭରି ରହିଛି । ଯାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ନିୟମିତ ଉଷୁମ ଲେମ୍ବୁପାଣି ପିଇଲେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହାକୁ ପିଇଲେ



ମେଦବୃଦ୍ଧି ସମସ୍ୟାକୁ ଅନେକାଂଶରେ ମୁକ୍ତି ମିଳିଥାଏ । ପାଚନକ୍ରିୟାଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ଲେମ୍ବୁ ପାଣି ପିଇଲେ ତାହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ । ଏଭଳି ପାଣି ନିୟମିତ ପିଇଲେ ଶରୀରରେ ଇନଫେକସନ ଆଶଙ୍କା ଅନେକାଂଶରେ କମ୍ ଥାଏ । ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖେ ଉଷୁମ ଲେମ୍ବୁପାଣି ।

## ଟିକିଏ ହସନ୍ତୁ

ସ୍ତ୍ରୀ : ତୁମେ ମୋ କଥାକୁ ଗୋଟେ କାନରେ ଶୁଣି ଆଉ ଗୋଟେ କାନରେ ବାହାର କରି ଦେବନି ।

ସ୍ୱାମୀ : ଠିକ୍ ଅଛି ମୁଁ ହେଡ଼ଫୋନ୍ ଲଗେଇ ଦେଉଛି ।

ସ୍ତ୍ରୀ : କ’ଣ ପାଇଁ ?

ସ୍ୱାମୀ : କାହିଁକି ନା ଆଉ ଗୋଟେ କାନରୁ ବାହାରକୁ ଯିବନି ।

× × ×

ସୋନୁ ବ୍ଲଡବ୍ୟାଙ୍କରେ : ମତେ ଗୋଟେ ବୋତଲ ରକ୍ତ ଦିଅ ।

ନର୍ସ : ବ୍ଲଡଗ୍ରୁପ କୁହ ।

ସୋନୁ : ଯାହା ବି ଦେବ ଚଳିବ ।

ନର୍ସ : କ’ଣ ?

ସୋନୁ : ମତେ ଲଭ ଲେଟର ଲେଖିବାର ଅଛି ।

× × × × ×

ଗୋପୀ ରାଜେଶକୁ : ଆମେ ସ୍ୱାମୀସ୍ତ୍ରୀ ଦୁହେଁ ଏବେ ନିଷ୍ପତ୍ତି ନେଇଛୁ ତାମିଲ ଶିଖିବୁ ।

ରାଜେଶ : ହଠାତ୍ ଏମିତି କାହିଁକି ଭାବିଲୁ ?



ଗୋପୀ : କଥା କ’ଣ କି ଆମେ ଏକ ତାମିଲ ଶିଶୁକୁ ପୋଷ୍ୟଭାବେ ଗ୍ରହଣ କରିଛୁ । ଆମେ ଚାହୁଁଛୁ ବଡ଼ ହେବା ପରେ ସେ ଆମ ସହିତ ତାମିଲରେ କଥା ହେବା ପୂର୍ବରୁ ଆମେ ଯେମିତି ହେଲେ ତାମିଲ ଶିଖିଯିବୁ ।

× × ×

ଜଣେ ବ୍ୟକ୍ତି କୁମ୍ଭମେଳାରେ ହାତ ଯୋଡି କାନ୍ଦି କାନ୍ଦି ପ୍ରାର୍ଥନା କରୁଥାଏ ।

ହେ ପ୍ରଭୁ ନ୍ୟାୟ କର..

ହେ ପ୍ରଭୁ ନ୍ୟାୟ କର...

ସବୁବେଳେ ଏଇ ମେଳାରେ ଭାଇ ଭାଇ ଅଲଗା ହେଉଛନ୍ତି ।

କେବେ ତ ସ୍ୱାମୀ ସ୍ତ୍ରୀଙ୍କୁ ଅଲଗା କର..

× × × × ×

ମା’ ପୁଅକୁ : ଗଲୁ ବାପାଙ୍କୁ ଟିକେ ଡାକି ଦେବୁ ।

ପୁଅ ବାପାଙ୍କ ପାଖକୁ ଯାଇ : ଚଲୋ ବୁଲାୱା ଆୟା ହୈ... ମାତା ନେ ବୁଲାୟା ହୈ...

ବାପା- ଜୟ ହୋ ମା’.. ।

ସ୍ୱୀକାର
ବର୍ଷ ୨୫, ସଂଖ୍ୟା-୧, ୩ - ୯ ଜାନୁଆରୀ ୨୦୨୧

# ବୃଦ୍ଧାଶ୍ରମ ଘରର ବିକଳ୍ପ ନୁହେଁ

ଆମ ସମାଜ କ'ଣ ବର୍ତ୍ତମାନ ବୃଦ୍ଧାଶ୍ରମର ସଂଖ୍ୟା ବୃଦ୍ଧି ପାଇଁ ପ୍ରସ୍ତୁତ ହେଉଛି ? କାରଣ ଆଜି ଆମ ସମାଜର ଅଧିକାଂଶ ପରିବାରରେ ବୃଦ୍ଧ ଲୋକମାନଙ୍କୁ ଠିକ୍‌ରେ ଦେଖାଶୁଣା କରିବାକୁ କେହି ନାହାନ୍ତି । ଏବେ ଆମ ସମାଜରେ ସଂଯୁକ୍ତ ପରିବାର ପ୍ରାୟ ନାହିଁ ଏବଂ ଏକକ ପରିବାରଗୁଡିକରେ ଗୋଟିଏ ପୁଅ କିମ୍ବା ଗୋଟିଏ ଝିଅ ଥିବା ଲୋକ ସମାଜରେ ଅଧିକ ଦେଖାଯାଉଛନ୍ତି । ଯଦି ଏପରି ସ୍ଥିତିରେ ପରିବାରର ପୁଅ ବା ଝିଅ ବିଦେଶ ଚାଲିଯାଆନ୍ତି, ତେବେ ସେହି ପରିବାରଗୁଡିକରେ ସେମାନଙ୍କ ମାତାପିତାଙ୍କର ଦେଖାଶୁଣା କିଏ କରିବ ?

ବଡ଼ ମହାନଗରଗୁଡିକରେ ଛୋଟ ଛୋଟ ଫ୍ଲାଟରେ ମାତାପିତାଙ୍କୁ ରଖିବାରେ କୌଣସି ସମସ୍ୟା ନାହିଁ, କିନ୍ତୁ ତିନି ଚାରି ମହଲା ଥିବା ଭବନଗୁଡିକରେ ଯେଉଁଠି ଲିଫ୍ଟର ବ୍ୟବସ୍ଥା ନାହିଁ, ସେଠାରେ ବରିଷ୍ଠ ମାତାପିତାଙ୍କୁ କିଏ କିପରି ଭାବରେ ପ୍ରତିଦିନ ଉପରୁ ତଳକୁ ଆଣିବ ? ଘରର ଦାୟିତ୍ୱବାନ ସଦସ୍ୟ ଯେତେବେଳେ ଚାକିରି କାରଣରୁ ଘର ବାହାରେ ରହିଥିବେ, ତେବେ କିଏ ସେମାନଙ୍କୁ ସମୟାନୁସାରେ ଖାଇବା ପିଇବା ଦେବ, ଔଷଧ ଦେବ । ଏହା ଏକ ପ୍ରକାର ନୂତନ ସମସ୍ୟା ଯାହାକି ବିଶେଷ କରି ଏକଲ ପରିବାରଗୁଡିକରେ ମୁଣ୍ଡ ଟେକି ଆଗକୁ ଆସୁଛି ।

ବରିଷ୍ଠଜନଙ୍କର ସୁରକ୍ଷା ବି ଏକ ସମସ୍ୟା । ଲୋକମାନେ ବଡ଼ ବଡ଼ କୋଠାରେ ଏକାକୀ ରହିବାକୁ ଭୟ କରୁଛନ୍ତି, କାରଣ ଚୋରି ଡକାୟତି ଘଟଣାଗୁଡିକରେ ବରିଷ୍ଠ ବ୍ୟକ୍ତିମାନେ ହିଁ ସବୁଠାରୁ ଅଧିକ ନଜରରେ ରହୁଛନ୍ତି । ଏପରି ସ୍ଥିତିରେ ଆମ ସମାଜରେ ବୃଦ୍ଧାଶ୍ରମ ହିଁ ସେମାନଙ୍କର ଶେଷ ଆଶ୍ରୟ ସ୍ଥଳ ହୋଇ ପାରିଛି ।

ଆମ ସମାଜରେ ଏପରି ଲୋକ ଯାହାର ପରିବାରରେ ଦେଖାଶୁଣା ଓ ଯତ୍ନ କରିବା ପାଇଁ କେହି ନାହାନ୍ତି, ସେମାନେ ମଧ ଏବେ ବୃଦ୍ଧାଶ୍ରମରେ ରହିବାକୁ ପସନ୍ଦ କରୁଛନ୍ତି । ଯେଉଁ ଏକକ ପରିବାରର ସନ୍ତାନ ବିଦେଶ ଚାଲି ଯାଉଛନ୍ତି, ତାଙ୍କ ମାତାପିତାଙ୍କୁ ଯଦି ବିଦେଶ ଯିବା ପାଇଁ ଭିସା ମିଳୁ ନାହିଁ, ଏପରି ମାତାପିତା ମଧ ବୃଦ୍ଧାଶ୍ରମରେ ରହିବାକୁ ଚାଲି ଯାଉଛନ୍ତି । ଆଜିକାଲି ପରିବାରର ସଦସ୍ୟମାନଙ୍କ ଭିତରେ ଏତେ ଦୂରତା ରହୁଛି ଯେ ବିଦେଶ ଯିବା ପରେ ସନ୍ତାନମାନେ ନିଜ ପରିବାର ବିଷୟରେ ସଚେତନ ରହୁ ନାହାନ୍ତି । ଏପରି କେତେ ଉଦାହରଣ ସାମନାକୁ ଆସିଛି, ଯେଉଁଥିରେ ବିଦେଶରେ ରହୁଥିବା ପିଲାମାନଙ୍କର ମାତାପିତା ମରି ଯାଉଛନ୍ତି ଏବଂ ସନ୍ତାନମାନେ ତାଙ୍କର ଅନ୍ତିମ ଦର୍ଶନ ଓ ଅନ୍ତିମ ସଂସ୍କାର ପାଇଁ ମଧ ଉଚିତ ସମୟରେ ଆସି ପହଞ୍ଚି ପାରୁ ନାହାନ୍ତି । ଏପରି ସ୍ଥିତିରେ ତାଙ୍କର ଅନ୍ତିମ ସଂସ୍କାର ବୃଦ୍ଧାଶ୍ରମ ବାଲା ହିଁ କରୁଛନ୍ତି ।

ଆଜିକାଲି ଆମ ସହରରେ ପଞ୍ଚ ତାରକା ହୋଟେଲଗୁଡିକ ପରି ବୃଦ୍ଧାଶ୍ରମ ମଧ ନିର୍ମାଣ କରାଯାଉଛି, କିନ୍ତୁ ଏହା ସାଧାରଣ ଲୋକମାନଙ୍କର ପହଞ୍ଚ ଠାରୁ ଦୂରରେ । ଏତଦ୍ ବ୍ୟତୀତ ଯେତେ ଭଲ ନର୍ସିଂ ହୋମ ଥିଲେ ମଧ ତାହା କଦାପି ଘରର ବିକଳ୍ପ ହୋଇ ପାରିବ ନାହିଁ । ତେଣୁ ଆମ ସମାଜ ଉତ୍ତମ ଆବାସିକ ଆଶ୍ରମଗୁଡିକ ବିଷୟରେ ନୂତନ ରୂପେ ବିଚାର କରିବା ସହିତ ସେଠାରେ ରହୁଥିବା ବୟସ୍କ ଲୋକମାନଙ୍କୁ ଆଶ୍ରମ ପରିବର୍ତ୍ତେ କିପରି ଘର ଭଳି ବାତାବରଣ ମିଳି ପାରିବ ? ଏହା ମଧ ଚିନ୍ତା କରିବା ଉଚିତ ।

ବୃଦ୍ଧାଶ୍ରମ ଏପରି ହେବା ଉଚିତ, ଯେଉଁଠି ସେମାନଙ୍କୁ ସ୍ୱାଧୀନତା ମିଳୁଥିବ, ସେମାନଙ୍କର ମନୋରଞ୍ଜନ ପାଇଁ ମଧ ସେଠାରେ ବ୍ୟବସ୍ଥା ଥିବ, ସେମାନଙ୍କର ପଢ଼ିବା ଲେଖିବା, ବଗିଚା ଓ ଖୋଲା ସ୍ଥାନରେ ଟହଲିବାର ବ୍ୟବସ୍ଥା ଥିବ, ସେମାନଙ୍କର ଖାଇବା ପିଇବାର ଉତ୍ତମ ବିକଳ୍ପ ରହିଥିବ । ସେମାନଙ୍କ ଦ୍ୱାରା ଯଥାସମ୍ଭବ କାର୍ଯ୍ୟ କରାଇବାର ବ୍ୟବସ୍ଥା ଥିବ । ଧ୍ୟାନ ସାଧନା ପାଇଁ ମଧ ବାତାବରଣ ଥିବ । ଯଦି ଏପରି କିଛି ବ୍ୟବସ୍ଥା ବୃଦ୍ଧାଶ୍ରମରେ ସମ୍ଭବ ହୋଇ ପାରିବ, ତେବେ ସେଠାରେ ରହୁଥିବା ବରିଷ୍ଠ ଲୋକଙ୍କର ଜୀବନଶୈଳୀ କିଛି ପରିମାଣରେ ଉତ୍ତମ ହୋଇ ପାରିବ ।

ଆମ ସମାଜରେ ବୃଦ୍ଧାଶ୍ରମରେ ରହିବା ମାମଲା ବୟସ୍କଙ୍କ ପାଇଁ ସେମାନଙ୍କ ଜୀବନର ଅନ୍ତିମ ବେଳାର ବ୍ୟବସ୍ଥା ନୁହେଁ, ବରଂ ଜୀବନର ସବୁଠାରୁ ଉତ୍ପାଦକ ବୟସ ଅତିକ୍ରମ କରିଥିବା ଲୋକମାନଙ୍କ ପାଇଁ ଏକ ସମ୍ମାନଜନକ ଜୀବନ ପ୍ରଦାନ କରୁଥିବା ବ୍ୟବସ୍ଥାର ନାମ ଅଟେ ଏବଂ ତାହା ମଧ ଏପରି ସମାଜରେ ଯେଉଁଠାରେ କାହିଁ କେତେ ଶତାବ୍ଦୀରୁ ବୃଦ୍ଧଜନଙ୍କୁ ସମ୍ମାନ କରିବାର ପରମ୍ପରା ରହି ଆସିଛି । ସେଥିପାଇଁ ଯଥା ସମ୍ଭବ ଘର ପରିବାର ଗୁଡିକରେ ହିଁ ବୃଦ୍ଧଜନଙ୍କୁ ସମ୍ମାନର ସହିତ ରଖିବା ଉଚିତ, ସେମାନଙ୍କର ଯତ୍ନ ନେବା ଉଚିତ, କାରଣ ସେମାନେ ହିଁ ବାସ୍ତବରେ ସେହି ଘର ପରିବାରର ଆଧାର ଅଟନ୍ତି । ସେମାନଙ୍କର ସେବା ଓ ଆଶୀର୍ବାଦ ଦ୍ୱାରା ହିଁ ସେହି ଘର ପରିବାର ସୁଖୀ ହୋଇ ପାରିବ, କିନ୍ତୁ ଯେଉଁ ଘରର ସଦସ୍ୟମାନେ ନିଜର ଗୁରୁଜନ, ବରିଷ୍ଠ ଜନମାନଙ୍କୁ ନିଜ ସାଙ୍ଗରେ ରଖିବାକୁ ଚାହାନ୍ତି ନାହିଁ, ସେମାନଙ୍କ ପାଇଁ ଅନ୍ତିମ ବିକଳ୍ପ ବୃଦ୍ଧାଶ୍ରମ ହୋଇଯାଏ ।

ଯେଉଁଠି ବୃଦ୍ଧଜନ ସୁଖୀ, ସନ୍ତୁଷ୍ଟ ରହନ୍ତି ଏବଂ ନିରନ୍ତର ଆଶିଷ ବର୍ଷା କରନ୍ତି, ସେଠାରେ ଘର ପରିବାର ମଧ ସୁଖୀ ରହିଥାଏ ଏବଂ ସେଠାରେ ସ୍ୱର୍ଗୀୟ ବାତାବରଣ ରହିଥାଏ । ଯେଉଁ ଘରେ ବୃଦ୍ଧଜନଙ୍କୁ ପୀଡିତ ଓ ପ୍ରତାଡିତ କରାଯାଏ ତାଙ୍କୁ ଅପମାନ କରାଯାଏ, ସେହି ଘରେ ସୁଖ ଓ ଶାନ୍ତି ନିବାସ କରେ ନାହିଁ ।

ଘର ତାହାକୁ କୁହାଯାଏ ଯେଉଁଠାରେ ପରିବାରର ସଦସ୍ୟମାନେ ପରସ୍ପର ମିଳିମିଶି ରହନ୍ତି, ପରସ୍ପରର ଭାବନାକୁ ସମ୍ମାନ କରନ୍ତି, ପରସ୍ପରକୁ ସାହାଯ୍ୟ ସହଯୋଗ କରନ୍ତି, ସେଥିପାଇଁ ଘରର ସ୍ଥାନ କୌଣସି ବୃଦ୍ଧାଶ୍ରମ ନେଇପାରେ ନାହିଁ, ତଥାପି ଯେଉଁ ବୟସ୍କ ପରିଜନ ଏବେ ବୃଦ୍ଧାଶ୍ରମଗୁଡିକରେ ରହିବା ପାଇଁ ବାଧ ହେଉଛନ୍ତି, ସେମାନଙ୍କ ପାଇଁ ଯଦି ବୃଦ୍ଧାଶ୍ରମ ଗୁଡିକରେ ଘର ଭଳି ବାତାବରଣ ନିର୍ମାଣ ହୋଇ ପାରିବ, ତାହେଲେ ବୃଦ୍ଧାଶ୍ରମରେ ରହୁଥିବା ସଦସ୍ୟମାନଙ୍କୁ ମଧ ନିଜ ଘର ପରିବାରର ଅଭାବ ଅନୁଭବ ହେବ ନାହିଁ ଏବଂ ସେଠାରେ ସେମାନେ ସୁଖ ଶାନ୍ତିରେ ରହି ପାରିବେ ।



## ମୋ' ସ୍ୱପ୍ନର ଭାରତ

### ମହାତ୍ମା ଗାନ୍ଧୀ

ହିନ୍ଦୁ ମୁସଲମାନ ଏକତା ଏବଂ ଅହିଂସାର ମାର୍ଗରେ, ଅର୍ଥାତ୍ ଅବିମିଶ୍ରିତ ଆତ୍ମୋତ୍ସର୍ଗର ମାର୍ଗରେ ଯଥାର୍ଥ ସ୍ୱାଧୀନତା ଓ ଆତ୍ମଅଭିବ୍ୟକ୍ତିର ପରିଚୟ ପାଇଥିବା ଭାରତ ବର୍ଷ ଉପସ୍ଥିତ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବା ଲାଗି ଏକ ପଥ ଦେଖାଇ ଦେଇ ପାରିବ । ଯଦି ଲୋକମାନଙ୍କର ଇଚ୍ଛାକୁ ଭଗବାନଙ୍କର ଇଚ୍ଛାରେ ପରିଣତ ହେବାକୁ ହୁଏ, ତେବେ ତାହାକୁ ସାଧୁତା, ସାହସ, ନମ୍ରତା, କୋମଳତା ଏବଂ ପୂର୍ଣ୍ଣ ଆତ୍ମୋତ୍ସର୍ଗର ବାଣୀ ହୋଇ ରହିବାକୁ ପଡିବ ।

କୌଣସି ବସ୍ତୁ ଆଦୌ ସ୍ଥିର ହୋଇ ରହି ନାହିଁ ବୋଲି ମୁଁ ବିଶ୍ୱାସ କରୁଛି । ମନୁଷ୍ୟର ପ୍ରକୃତି ହୁଏତ ଉପରକୁ ଯାଉଥାଏ ନଚେତ୍ ତଳକୁ ଖସି ଆସୁଥାଏ । ଭାରତବର୍ଷରେ ତାହା ଉପରକୁ ଯାଉଛି ବୋଲି ଆମେ ଆଶା କରିବା । ତା' ନହେଲେ ଭାରତ ପାଇଁ ଓ ସମ୍ଭବତଃ ସମଗ୍ର ପୃଥିବୀ ପାଇଁ ହୁଏତ ପ୍ରଳୟ ବ୍ୟତୀତ ଆଉ ଅନ୍ୟ କିଛି ହେଲେ ହିଁ ଲେଖା ହୋଇ ରହି ନାହିଁ । ଭାରତବର୍ଷ ପୃଥିବୀକୁ ଶାନ୍ତିର ଶିକ୍ଷା ଦେବ ନା ଘୃଣା ଏବଂ ହିଂସାର ଶିକ୍ଷା ଦେବ ? ହିଂସା ଏବଂ ଘୃଣାରେ ତ ପୃଥିବୀ ପ୍ରାଣାନ୍ତକ ଭାବରେ ବ୍ୟାଧିଗ୍ରସ୍ତ ହୋଇ ରହିଛି ।

ଯଦି ସମଗ୍ର ଭାରତବର୍ଷ ପ୍ରେମର ଏହି ଶାଶ୍ୱତ ବିଧାନଟିକୁ ଗ୍ରହଣ କରିନିଅନ୍ତା, ତେବେ ସିଏ ଏକାନ୍ତ ଅବିବାଦିତ ଭାବରେ ସମଗ୍ର ପୃଥିବୀର ନେତା ହୋଇ ପାରନ୍ତା । ମୁଁ କେବଳ ଏତିକି କହିବାକୁ ଇଚ୍ଛା କରୁଛି ଯେ କେବଳ ବିବେକ ବ୍ୟତୀତ ଆଉ କାହାରି ପାଖରେ ମଧ ଆତ୍ମସମର୍ପଣ କରିବା ଆଦୌ ଉଚିତ ନୁହେଁ ।

## ସ୍ୱଦେଶୀ କୃଷି ପାଇଁ ଏମସିଏଲ 'ଦେଶୀ ବୀଜ ଘର' ଯୋଜନା

ବୁର୍ଲା : ଚାଷ ଏବଂ ଚାଷୀଙ୍କ ବିକାଶ ଲକ୍ଷ୍ୟକୁ ପ୍ରାଧାନ୍ୟ ଦେଇ ଏମସିଏଲ ପକ୍ଷରୁ ଏକ ଅଭିନବ ପଦକ୍ଷେପ ହାତକୁ ନିଆଯାଇଛି । ଦେଶୀ ବିହନ ସଂରକ୍ଷଣ ରଖି କୃଷି କ୍ଷେତ୍ରରେ ବିକାଶ ଆଣିବା ଲକ୍ଷ୍ୟରେ 'ଦେଶୀ ବୀଜ ଘର' ନାମରେ ଏକ ଯୋଜନା ହାତକୁ ନିଆଯାଇଛି । କମ୍ପାନିର ସିଏସଆର କାର୍ଯ୍ୟକ୍ରମ ଜରିଆରେ ଚାଷୀଙ୍କୁ ଏଥିରେ ସାମିଲ କରାଯାଇ ସେମାନଙ୍କୁ ଦେଶୀ ବିହନରେ ଚାଷ ଓ ମଞ୍ଜି ସଂରକ୍ଷଣ ପାଇଁ ପ୍ରୋତ୍ସାହିତ କରାଯିବ । ଏଥିପାଇଁ ଏମସିଏଲ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଗ୍ରାମ ସମୃଦ୍ଧି ଟ୍ରଷ୍ଟ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି । ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ । ପାଖାପାଖି ୨ ଶହ ଚାଷୀଙ୍କୁ ଏହି ଯୋଜନାରେ ତାଲିମ ଦିଆଯିବ ।

## ଶୀତ ଆସିଅଛି

### ଉପେନ୍ଦ୍ର ସରାଫ

ଶୀତ ଆସିଅଛି
ଶୁନଶାନ୍ ରାସ୍ତାରେ,
ଗୁମସୁମ୍ ଗାଆଁରେ,
ସହରେ, ବଜାରେ,
ପବନର ଜଡ଼ବତ୍ ସ୍ଥିତିରେ ।
ନୀରବ ଆକାଶ,
କୁହୁଡ଼ି ଚାଦରରେ ଢଙ୍କା
ଝରଣା ପୋଖରୀ
ନଦୀ, କ୍ଷେତ ଆଉ ବିସ୍ତୀର୍ଣ୍ଣ ପ୍ରାନ୍ତର
ବଜାର ମଧ ଶାନ୍ତ ଓ ସ୍ତମ୍ଭିତ ।
ମଝିରେ ମଝିରେ ଡାକ ଶୁଭେ
ସ୍ୱେଟର... ଶାଲ ଓ କମ୍ବଳ
ସୁଲଭ ମୂଲ୍ୟରେ ସୁଝିବାକୁ ଶୀତ ।
କିଛି ଦୂରରେ, ରାସ୍ତା କଡ଼ରେ
ଫୁଟପାଥରେ...
ସର୍ବହରା ଓ ତାର ପରିବାରର
ଥକିଲା ଓ ହାରିଲା ଅବସନ୍ନ ନିଦ
ଏକ ଅପହଞ୍ଚ ସୁଖର ସ୍ୱପ୍ନରେ ।
ହେଲେ ମାଟି ତଳେ ଶୋଇଅଛି ମଧୁର ବସନ୍ତ,
ଦେବାପାଇଁ ମଧୁବାର୍ତ୍ତା ଶିଶିରସିକ୍ତା ଜାଡ଼େଇ ମହୀରେ ।
ଏଆଡ଼େ ବାଦଲ ଉହାଡେ ଉଙ୍କିମାରେ ଖରାର ଦେବତା,
ଉଷା ମଧ ଜପୁଅଛି ଆଲୋକର ଗାଥା ।
ପର୍ବତ ଶିଖରୁ ମେଘର କବଳରୁ
ଅସମର୍ଥ ରଶ୍ମିରଥ ପ୍ରକାଶନେ ସ୍ୱୟଂସତ୍ତା ।
ଶେଷ ପର୍ଯ୍ୟାୟର ପତ୍ର ଝଡେ ବୃକ୍ଷର ଡାଳରୁ
ଟପ୍ ଟପ୍ ଟପ୍ ଟପ୍
ଆକାଶରୁ ପଡୁଅଛି କାକର ଶିଶିର
ଥପ୍ ଥପ୍ ଥପ୍ ଥପ୍
ରାତିସାରା ଅପେକ୍ଷାରେ ସୂର୍ଯ୍ୟ ଭରସାରେ
ସକାଳ ହେବହି ହେବ
ହେଲେ ପ୍ରଭାତ ଠକି ଦେଲା
କୁହୁଡି ଚାଦରେ ଢାଙ୍କିହୋଇ,
ପାଗଳା ଆକାଶ ବି ବର୍ଷିଦେଲା,
ବର୍ଷିଦେଲା ବରଫର ଫୁଲ,
ମାଟି ଓ ପବନକୁ ଶୀତେଇ ।
ସମସ୍ତଙ୍କ ଏକ ମନ ଏକ ଧ୍ୟାନ
ଜଡ଼ତାର ବିନାଶ ପାଇଁ,
ଟିକିଏ ତେଜୋଦୀପ୍ତ ରଶ୍ମୀ ପାଇଁ ।
ହେଲେ କୁହୁଡ଼ି ଘୋଟିଛି,
ଚାରିଆଡ଼େ ଧୂଆଁଳିଆ, ଅସ୍ପଷ୍ଟ ହେଉଛି,
କାନରେ କାନରେ ସମସ୍ତଙ୍କୁ କହୁଛି
ଶୀତ ଆସିଅଛି.. ଶୀତ ଆସିଅଛି ।

ପ୍ରଧାନ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ,
ପତ୍ରାପାଲି, ଝାରସୁଗୁଡ଼ା

## ଶରୀର ହିତରେ ଡାଲ୍‌ଚିନି

**ଡା**ଲଚିନି କେବଳ ଗରମ ମସଲା ନୁହେଁ କି ମୁଖ ବିଳାସ ନୁହେଁ । ଏଥିରେ ଥିବା ଦ୍ରବ୍ୟ ଗୁଣରେ ଶରୀରର ଉପକାର ହୋଇଥାଏ । ଯଦି ଆପଣଙ୍କୁ ଥକ୍କା ଲାଗୁଥିବ ତେବେ ଡାଲଚିନି ମିଶ୍ରିତ କ୍ଷୀର ଆପଣଙ୍କୁ ଆରାମ ଦେବ ।



ରାତିରେ ଗରମ କ୍ଷୀର ପିଇଲେ ଭଲ ନିଦ ଆସିଥାଏ । ଏଥିରେ ଆମିନୋ ଏସିଡ୍ ଥାଏ, ଯାହା ମସ୍ତିଷ୍କକୁ ଶାନ୍ତ କରି ଭଲ ନିଦ ହେବାରେ ସାହାଯ୍ୟ କରିଥାଏ । ପୁଣି ଯଦି ଏଥିରେ ଡାଲଚିନି କିମ୍ବା ମହୁ ମିଶାଇବେ ତେବେ ଏହାର ଆଣ୍ଟିବ୍ୟାକ୍ଟେରିଆ ଗୁଣ ବଢ଼ିଯିବ । ଏହା ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଏବଂ ସଂକ୍ରମଣ ଦୂର କରିବାରେ ସାହାଯ୍ୟ କରିବ । ଏହା ମଧ ଶରୀରର ମୋଟାପଣ ଦୂର କରିବାରେ ସହାୟକ ହେବ ।

ସୁନିଦ୍ରା ପାଇଁ : ଯଦି ଆପଣଙ୍କୁ ଠିକ୍ ଭାବେ ନିଦ ହେଉ ନ ଥାଏ ତେବେ କ୍ଷୀରରେ ଡାଲଚିନି ଗୁଣ୍ଡ ଗୋଳାଇ ପିଅନ୍ତୁ । ଏହା ନିଦ ଆସିବାରେ ସାହାଯ୍ୟ କରିବ ।

ମଜଭୁତ ହାଡ଼ ପାଇଁ : ଡାଲଚିନି ମିଶ୍ରିତ କ୍ଷୀରରେ ମହୁ ମିଶାଇ ପିଇଲେ ହାଡ଼ ମଜଭୁତ ରହିଥାଏ । ବିଶେଷଜ୍ଞଙ୍କ ମତରେ ପ୍ରତ୍ୟହ ଏପରି କ୍ଷୀର ପିଇଲେ ଗଣ୍ଠିଗତ ସମସ୍ତ ସମସ୍ୟା ଦୂର ହୋଇଥାଏ ।

ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି : ନିୟମିତ ଡାଲଚିନି ମିଶ୍ରିତ କ୍ଷୀର ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ବହୁ ପୁରାତନ କାଳରୁ ଏହା ଅନୁସୃତ । ସେଥିପାଇଁ ପିଲାଙ୍କୁ ଶୋଇବା ପୂର୍ବରୁ କ୍ଷୀରରେ ଡାଲଚିନି ଗୁଣ୍ଡ ମିଶାଇ ଦେଲେ ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ ହୋଇଥାଏ ।

ପାଚନ ହେବାରେ ସାହାଯ୍ୟ କରେ : ଯଦି ଆପଣ ଠିକ୍ ଭାବେ ହଜମ କରିପାରୁ ନାହାନ୍ତି, ଡାଲଚିନି ମିଶ୍ରିତ କ୍ଷୀର ପିଅନ୍ତୁ । ଏଥିରେ ଫାଇଦା ହୋଇଥାଏ ।

ଗଳା ଖସ୍ ଖସ୍ ହେବା : ଡାଲଚିନି ଗଳା ଯନ୍ତ୍ରଣାକୁ ଦୂର କରିଥାଏ । କ୍ଷୀର ଗରମ କରି ସେଥିରେ ଡାଲଚିନି ପକାନ୍ତୁ ଏବଂ ଏହାକୁ ଛାଣିକରି ପିଅନ୍ତୁ । ଦେଖିବେ ଗ୍ୟାସ ସମସ୍ୟା ଦୂର ହୋଇଯିବ ।

ସୁନ୍ଦର କେଶ ଓ ତ୍ୱଚା : ଡାଲଚିନି ମିଶ୍ରିତ କ୍ଷୀର ପିଇଲେ ତ୍ୱଚା ଓ କେଶ ସହିତ ଜଡିତ ସମସ୍ତ ସମସ୍ୟା ଦୂର ହୋଇଥାଏ । ତ୍ୱଚାରେ ସଂକ୍ରମଣ ହେଇ ନ ଥାଏ ।

## ଓଜନ କମାଏ ନାସପାତି

**ପ୍ର**ତିଦିନ ଗୋଟିଏ ନାସପାତି ଖାଇଲେ ଓଜନ ହ୍ରାସ ଘଟିଥାଏ । ଏହାକୁ ନିୟମିତ ବ୍ୟବହାର କଲେ ଶରୀରରେ ୩୫ ପ୍ରତିଶତ ପର୍ଯ୍ୟନ୍ତ ମେଦ ହ୍ରାସ ପାଇଥାଏ ବୋଲି ଲୁସିୟାନା ଷ୍ଟେଟ ୟୁନିଭର୍ସିଟିର ଗବେଷକମାନେ ୨୦୦୧ ରୁ ୨୦୧୦ ମସିହା ମଧରେ କରିଥିବା ଗବେଷଣାରୁ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ବିଶେଷ କରି ବୟସ୍କ ଲୋକଙ୍କ ଉପରେ ଏହି ଗବେଷଣା କରାଯାଇଥିଲା । ପ୍ରତିଦିନନାସପାତି ଖାଉଥିବା ବୟସ୍କ ବ୍ୟକ୍ତି ଖାଦ୍ୟ, ପାଚନ, ପୋଷକ, ତତ୍ତ୍ୱର ଗୁଣ ଓ ହୃଦ୍ ସମ୍ପର୍କିତ ରୋଗର ବିଶ୍ଳେଷଣ କରାଯାଇଥିଲା ।



ଗବେଷକଙ୍କ ମତରେ ନାସପାତିରେ ଶରୀରରୁ ଓଜନ ହ୍ରାସ କରିବାର ଗୁଣ ରହିଛି । ନାସପାତି ଫ୍ୟାଟ୍, କୋଲେଷ୍ଟ୍ରଲ ଓ ସୋଡିୟମ୍ ଫ୍ରି ତତ୍ତ୍ୱ ରହିଛି । ଏହା ସହିତ ଏଥିରେ ଭିଟାମିନ୍ ସି, ମ୍ୟାଗ୍ନେସିୟମ, କପର୍ ଓ ପୋଟାସିୟମ୍ ଭରପୁର ମାତ୍ରାରେ ରହିଛି । ପ୍ରତିଦିନ ଗୋଟିଏ ସେଓ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ବୋଲି ପୂର୍ବରୁ ଜଣାଯାଉଥିଲା । ଏବେ ନାସପାତି ଖାଇବା ଦ୍ୱାରା ଓଜନ କମିବା ଜଣାପଡିଛି । ନାସପାତି ଖାଇବା ଦ୍ୱାରା ଅଧିକ ଓଜନ ଲାଗି ଚିନ୍ତାରେ ରହୁଥିବା ବ୍ୟକ୍ତିମାନଙ୍କ ପାଇଁ ବେଶ୍ ଲାଭଦାୟକ ହେବ । ନିଜ ମୋଟାପଣ ଲାଗି ଦୁଃଶ୍ଚିନ୍ତାରେ ଥିବା ଲୋକମାନେ ପ୍ରତିଦିନ ନାସପାତି ଖାଇ ସେମାନଙ୍କ ଓଜନକୁ ୩୫ ପ୍ରତିଶତ ପର୍ଯ୍ୟନ୍ତ କମ୍ କରି ପାରିବେ । ବିଭିନ୍ନ ପ୍ରକାର ଔଷଧ ଖାଇ ଡାଏଟ୍ କରି ଓଜନ କମାଇବା ଅପେକ୍ଷା ସୁବିଧା ଓ ସୁଲଭ ଦରରେ ମିଳୁଥିବା ନାସପାତି ଲାଭଦାୟକ ହେବ ବୋଲି ଏହା ଉପରେ ଗବେଷଣା କରୁଥିବା ବିଶେଷଜ୍ଞମାନେ କହିଛନ୍ତି ।

## ବହୁ ଉପକାରୀ ଆଖୁ

**ଶ**ରୀରର ଯେକୌଣସି ସମସ୍ୟା ହୋଇଥାଉ ନା କାହିଁକି, ପ୍ରତିଦିନ ଯଦି ଆଖୁ ଖାଇବେ, ତେବେ ଶରୀର ସୁସ୍ଥ ରହିବା ସହିତ ଅନେକ ରୋଗରୁ ମୁକ୍ତି ମଧ ପାଇବେ ।

ଗଳଗଣ୍ଡ ହୋଇଥିଲେ ଆଖୁରସରେ ହରିଡ଼ା ଚୁର୍ଣ୍ଣକୁ ମିଶାଇ ପିଇଲେ ଗଳଗଣ୍ଡରୁ ମୁକ୍ତି ମିଳିଥାଏ ।

କେବଳ ସେତିକି ନୁହେଁ, ସ୍ତନ ବୃଦ୍ଧି କରିବାକୁ ଚାହୁଁଥିବା ମହିଳାମାନେ ଆଖୁ ଚେରକୁ ବାଟି କାଞ୍ଜିରେ ମିଶାଇ ପିଇଲେ ସ୍ତନ ବୃଦ୍ଧି ହୋଇଥାଏ ।

ନାକରୁ ରକ୍ତ ପଡିଲେ ଆଖୁ ରସକୁ କପଡ଼ାରେ ଛାଣି ନସ୍ୟ ନେଲେ ନାକରୁ ରକ୍ତ ପଡିବା ବନ୍ଦ ହୁଏ ।

କାମଳ ରୋଗ ହୋଇଥିଲେ, ଆଖୁକୁ ରାତିରେ କାକରରେ ରଖି ସକାଳେ ଚୋବାଇ ଖାଇଲେ କାମଳ ରୋଗରୁ ରକ୍ଷା ମିଳେ ।

ପ୍ରତିଦିନ ଆଖୁଚେର, ନିମ୍ବଛେଲି ଓ ଅଶ୍ୱତ୍ଥ ଛେଲିକୁ ୪୦୦ ଗ୍ରାମ୍ ପାଣିରେ ସିଝାନ୍ତୁ, ପାଣିଟି ଫୁଟି ଫୁଟି ୧୦୦ ଗ୍ରାମ୍ ହୋଇଗଲାପରେ



ଏହାକୁ ଥଣ୍ଡା କରି ଛାଣି ପିଅନ୍ତୁ ଏପରି କରିବା ଦ୍ୱାରା ବୃକ୍କ ରୋଗରୁ ଲାଭ ମିଳିଥାଏ ।

ଯକୃତ ରୋଗ ହୋଇଥିଲେ ଆଖୁରସ ନିୟମିତ ଭାବେ କିଛିଦିନ ପିଇଲେ ଯକୃତ ରୋଗରୁ ଲାଭ ମିଳିଥାଏ ।

## ଆଖିକୁ ସୁସ୍ଥ ରଖେ ଘିଅ

**ଗୁ**ଆଘିଅ ପାଟିକୁ ସୁଆଦିଆ ଲାଗିବା ସହିତ ସ୍ୱାସ୍ଥ୍ୟପକ୍ଷେ ହିତକର ସାବ୍ୟସ୍ତ ହୋଇଥାଏ । ସକାଳ, ଦ୍ୱିପହର କିମ୍ବା ରାତିରେ ଜଣେ ଘିଅ ଖାଇ ପାରିବେ । ଘିଅରେ ପ୍ରଚୁର ମାତ୍ରାରେ ଫ୍ୟାଟି ଏସିଡ୍ ରହିଥାଏ । ଯାହା ଯକୃତରେ ସହଜରେ ମିଳେଇ ଯାଇଥାଏ । ଏଥିରୁ ଶରୀରରୁ ଶକ୍ତି ମିଳିଥାଏ ।



ଗର୍ଭବତୀ ମହିଳାଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ଓ ବୟସ୍କ ବ୍ୟକ୍ତି ମଧ ଖାଦ୍ୟରେ ଘିଅକୁ ସାମିଲ୍ କଲେ ତାହା ଲାଭଦାୟକ ହୋଇଥାଏ । ଅନେକ ଲୋକ କ୍ଷୀର ଓ ଦହି ଖାଇବାକୁ ନାପସନ୍ଦ କରନ୍ତି । ସେମାନେ କ୍ଷୀର ଦହିରେ ଥିବା ସମସ୍ତ ଉପକାରୀ ତତ୍ତ୍ୱକୁ ଘିଅରେ ପାଇପାରିବେ । ଯଦି ପେଟରେ ଗ୍ୟାସ୍ ସମସ୍ୟା ଅଛି ତେବେ ଘିଅ ଏହାର ଭଲ ଉପଚାର ହୋଇଥାଏ ।

ଅନେକ ଲୋକ ଭାବନ୍ତି, ଘିଅରେ ଅଧିକ ମାତ୍ରାରେ ଫ୍ୟାଟ୍ ଥାଏ ଯାହା ହୃଦୟକୁ କ୍ଷତି ପହଞ୍ଚାଇଥାଏ । କିନ୍ତୁ ଏଭଳି ଭାବିବା ସମ୍ପୂର୍ଣ୍ଣ ଭୁଲ୍ । ଘିଅର ଧିମା ଓମେଗା-୩ ଫ୍ୟାଟି ଏସିଡ୍ ଶରୀରରେ କୋଲେଷ୍ଟ୍ରୋରାଲ ମାତ୍ରାକୁ କମ୍ କରିଥାଏ । ଶରୀରକୁ ସୁସ୍ଥ ରଖିଥାଏ ଓ ଫ୍ୟାଟ୍‌କୁ କମ୍ କରିଥାଏ । ଶରୀର ଫୁଲାର ସମସ୍ୟାକୁ କମ୍ କରିଥାଏ ଘିଅ । ଘିଅରେ ରହିଥିବା ବୁଟେରିକ୍ ଏସିଡ୍ ଶରୀର ପାଇଁ ନିତାନ୍ତ ଆବଶ୍ୟକ । ଶରୀରରେ ଦେଖା ଯାଉଥିବା ଫୁଲା ସମସ୍ୟାକୁ ବୁଟେରିକ୍ ଏସିଡ୍ କମ୍ କରିଥାଏ । ଏହା ଗ୍ୟାସ୍ ସମସ୍ୟାକୁ ମଧ ଦୂର କରିଥାଏ ।

ଚର୍ମକୁ ସତେଜ ଓ ସୁସ୍ଥ ରଖିଥାଏ ଘିଅ । ଘିଅରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ କ୍ୟାନ୍ସର ଭଳି ରୋଗକୁ ଦୂରେଇ ଦିଏ । ଘିଅରେ ଭିଟାମିନ୍ ଏ'ର ମାତ୍ରା ଅଧିକ ରହିଥିବାରୁ ଆଖି ସୁସ୍ଥ ରହିଥାଏ । ଆଣ୍ଟି ଅକ୍ସିଡାଣ୍ଟ ଆଖିର ଶୁଷ୍କତା, ଆଖିରୁ ପାଣି ବାହାରିବା, ମୋତିଆବିନ୍ଦୁ ଆଦି ସମସ୍ୟାରୁ ମୁକ୍ତି ଦେଇଥାଏ । ଆଖିରେ ଧୂଳି ପଡିଲେ ଘିଅ ଲଗାଇବାକୁ ଚକ୍ଷୁ ଡାକ୍ତର ପରାମର୍ଶ ମଧ ଦେଇଥାନ୍ତି ।

## କାଜୁ ଗୁଣ୍ଡର ଲାଭ

**ଡ୍ରା**ଏଫ୍ରୁଟସ୍ ମଧରୁ କାଜୁବାଦାମ ଅନ୍ୟତମ । ଏହି ସୁଆଦିଆ ବାଦାମ ଦୈନିକ ଆବଶ୍ୟକ ପରିମାଣରେ ପ୍ରତ୍ୟେକ ବର୍ଗର ଲୋକେ ଖାଇଲେ ତାହା ଶରୀର ଉପରେ ଉତ୍ତମ ପ୍ରଭାବ ପକାଇଥାଏ । କାଜୁରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ରହିବା ସହ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍ ଓ ଫାଇବର ମଧ ଆବଶ୍ୟକ ପରିମାଣରେ ଥାଏ । କପର, ମାଙ୍ଗାନିଜ, ଫସଫରସ୍, ମ୍ୟାଗ୍ନେସିୟମ୍, ଜିଙ୍କ ଭରପୁର ଥିବା ଏହି ଡ୍ରାଏଫ୍ରୁଟସ୍ ଗର୍ଭବତୀଙ୍କ ନିମନ୍ତେ ଖୁବ୍ ଉତ୍ତମ ବୋଲି ବିଶେଷଜ୍ଞଙ୍କ ମତ ।

ଖାଦ୍ୟ ବିଶେଷଜ୍ଞଙ୍କ କହିବାନୁସାରେ କାଜୁକୁ ଯେ କୌଣସି ପ୍ରକାରରେ ଖାଇହେବ । ଏହାକୁ ଅନ୍ୟ ଡ୍ରାଏଫ୍ରୁଟସ୍ ସହ ଚୋବାଇ ଖାଇହେବ । ନଚେତ୍ କ୍ଷୀର ସହ ଏହି କାଜୁଗୁଣ୍ଡର ପ୍ରୟୋଗ ମଧ କରିହେବ ।

କାଜୁଗୁଣ୍ଡରେ ମହଜୁଦ୍ ଥିବା ମ୍ୟାଗ୍ନେସିୟମ୍ ଶରୀର ପାଇଁ ଖୁବ୍ ଉପକାରୀ । ମ୍ୟାଗ୍ନେସିୟମର ପରିମାଣ ଶରୀରରେ କମ୍ ବେଶୀ ହେଲେ ତାହା ମାଂସପେଶୀ ଉପରେ କୁପ୍ରଭାବ ପକାଇଥାଏ । ଯାହା କାରଣରୁ ହୃଦଯନ୍ତ୍ର ଓ ଯକୃତ ପ୍ରଭାବିତ ହେଉଥିବାର ପରୀକ୍ଷାରୁ ଜଣାପଡିଛି । କାଜୁଗୁଣ୍ଡ ନିୟମିତ ଭାବେ



କ୍ଷୀର ସହ ପଇବା ଦ୍ୱାରା ମାଇଗ୍ରେନ୍ ସମସ୍ୟା, ନିଦ୍ରା ସମସ୍ୟା ଦୂର ହେବା ସହ ହୃଦଘାତରୁ ମଧ ରକ୍ଷା କରିଥାଏ ।

କାଜୁ ଗୁଣ୍ଡ ସେବନ ରକ୍ତଚାପ ରୋଗୀଙ୍କ ନିମନ୍ତେ ମଧ ଉତ୍ତମ । ଏଥିରେ ଥିବା ଅର୍ଜିନାଇନ୍ ତତ୍ତ୍ୱ ରକ୍ତଚାପକୁ ନିୟନ୍ତ୍ରଣ କରେ ।

ପିଲାମାନେ ନିୟମିତ କ୍ଷୀର ସହ ଏହାକୁ ସେବନ କରିବା ଦ୍ୱାରା ହାଡ଼ଗୋଡ଼ ମଜବୁତ୍ ହୋଇଥାଏ ।

ଦୈନିକ କାଜୁଗୁଣ୍ଡ ଖାଇଲେ, ଶରୀରରୁ ଖରାପ କୋଲେଷ୍ଟରଲର ମାତ୍ରା କମୁଥିବାର ପରୀକ୍ଷାରୁ ପ୍ରମାଣିତ ହୋଇଛି ।

କାଜୁରେ ମହଜୁଦ୍ ଥିବା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଅତିବାଇଗଣୀ ରଶ୍ମୀରୁ ଚକ୍ଷୁକୁ ରକ୍ଷା କରେ ।

ପ୍ରବର୍ଷଣ ପର୍ବତ ଶିଖରରେ ଥିବା ଏକ ଗୁମ୍ଫାର ଦ୍ୱାରଦେଶରେ ଏକ ବିଶାଳ ପଥର ଉପରେ ଶ୍ରୀରାମ ଏକାକୀ ବସିଥିଲେ । ସୁଗ୍ରୀବ ସାଷ୍ଟାଙ୍ଗ ପ୍ରଣାମ କରି ତାଙ୍କୁ କ୍ଷମା ମାଗିଲେ । ପରମାତ୍ମା ଜୀବର ଅପରାଧ ଭୁଲି ଯାଆନ୍ତି । ଶ୍ରୀରାମ ସୁଗ୍ରୀବଙ୍କୁ ପାଖରେ ବସାଇ କୁଶଳ ବାର୍ତ୍ତା ପଚାରିଲେ ।

ସୁଗ୍ରୀବ କହିଲେ, ହେ ନାଥ । ଆପଣ କିଛି ଚିନ୍ତା କରନ୍ତୁ ନାହିଁ । ବାନର ଆସିଗଲେଣି । ଏମାନଙ୍କ ଭିତରୁ କେତେକଙ୍କର ଦଶ ହଜାର ବଳ ଅଛି ତ ଆଉ କେତେକଙ୍କର ଶହେ ହାତୀର ବଳ । ପୁଣି କେତେକ ସହସ୍ରାଧିକ ହାତୀର ବଳ ଧାରଣକାରୀ ବି ଅଛନ୍ତି । ଏପରି ଅନେକ ବାନର ଅଛନ୍ତି ଯେଉଁମାନେ ଦେବତାଙ୍କ ଅଂଶରୁ ଉତ୍ପନ୍ନ ହୋଇଛନ୍ତି । ସମସ୍ତ ବାନର ଆପଣଙ୍କ ପାଇଁ ପ୍ରାଣ ଉତ୍ସର୍ଗ କରିଦେବେ ।

ଏହାପରେ ସୁଗ୍ରୀବ ବାନରଙ୍କୁ ଡାକି କହିଲେ ଏବେ ତୁମେମାନେ ସୀତାଙ୍କୁ ଖୋଜିବା ପାଇଁ ଯାଅ । ମୁଁ ତୁମମାନଙ୍କୁ ଏକମାସ ସମୟ ଦେଉଛି । ଏହି ଅବଧି ଭିତରେ ସୀତାଙ୍କ ଖବର ଆଣି ପହଞ୍ଚାଇବ । ଅବଧି ସରିବା ପରେ ଯିଏ ସୀତାଙ୍କୁ ନପାଇ ଫେରି ଆସିବ ସେ ମୋ ହାତରେ ମରିବ । ଏହା ଶ୍ରୀରାମଙ୍କର କାମ ।

ରାମାୟଣରେ ଏହି ସ୍ଥାନରେ ଚତୁର୍ଦ୍ଦିଗର ବିଶଦ ବର୍ଣ୍ଣନା ହୋଇଛି । ବାନରଗଣଙ୍କୁ ଚାରିଟି ପୃଥକ୍ ପୃଥକ୍ ଯୂଥ କରି ଚାରିଦିଗକୁ ପଠାଗଲା । ନଳ, ନୀଳ, ହନୁମାନ ଓ ଜାମ୍ବବନ୍ତଙ୍କୁ ଦକ୍ଷିଣ ଦିଗକୁ ପଠାଇ ଦିଆଗଲା । ଅଙ୍ଗଦ ଏମାନଙ୍କର ଦଳପତି ହେଲେ ।

ସମସ୍ତେ ଶ୍ରୀରାମଙ୍କୁ ବନ୍ଦନା କରି ସୀତାନ୍ୱେଷଣରେ ତତ୍ପରତା ପ୍ରକାଶ କରି ବାହାରିଲେ । ହନୁମାନଙ୍କ ହାତରେ ତାଙ୍କ କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହେବ ବୋଲି ଶ୍ରୀରାମ ଜାଣିଲେ । ଏଣୁ ଶ୍ରୀରାମ ରାମ ନାମ ଅଙ୍କିତ ଏକ ସୁନ୍ଦର ମୁଦ୍ରିକା ହନୁମାନଙ୍କୁ ଦେଲେ ଓ ଏହି କାମଟି ତୁମ ହାତରେ ହେବ ବୋଲି କହିଲେ ।

ହନୁମାନଙ୍କ ଦ୍ୱାରା ସୀତାଙ୍କ ପାଖକୁ ସମ୍ବାଦ ଦେବାକୁ ଯାଇ ଶ୍ରୀରାମ କହିଲେ -

ତତ୍ତ୍ୱ ପ୍ରେମ କର ମମ ଅରୁ ତୋରା । ଜାନତ ପ୍ରିୟା ଏକୁ ମନ ମୋରା । ସୋ ମନୁ ସଦା ରହ ତୋହି ପାହାଁ । ଜାନୁ ପ୍ରୀତି ରସୁ ଏତନେହି ମାହାଁ ।

## ରାମକଥା



ମୁଁ ଆଖି ସାମନାରୁ ଦୂର ହୋଇଯାଇଛି ସତ, ମାତ୍ର ମୁଁ ତୁମ ମନରେ ଅଛି । ତୁମର ମନ ମୋ ପାଖରେ ଅଛି । ଏହିଭଳି ଭାବରେ ସୀତାଙ୍କ ପାଖକୁ ଶ୍ରୀରାମ ସମ୍ବାଦ ପଠାଇଥିଲେ । ବାନରଙ୍କୁ କହିଲେ ମାସକ ଭିତରେ ତୁମେ ସୀତାଙ୍କ ଖବର ଆଣି ମୋତେ ଜଣାଅ ।

ବାନରଙ୍କୁ ଧରି ଶ୍ରୀହନୁମାନ ସୀତାନ୍ୱେଷଣରେ ଦକ୍ଷିଣ ଦିଗ୍ ଯାତ୍ରା କଲେ । ସେମାନେ ଖୋଜି ଖୋଜି ବିନ୍ଧ୍ୟାଚଳ ପର୍ବତକୁ ଆସିଲେ । ସେଠାରେ ଏକ ମହାନ୍ ରାକ୍ଷସକୁ ଭେଟିଲେ । ଇଏ ରାବଣ ଏପରି ଭାବି ତାକୁ ମାରିବାକୁ ଦୌଡିଲେ । ତାକୁ ଗୋଡାଇ ଗୋଡାଇ ସେମାନେ ଘଞ୍ଚ ଅରଣ୍ୟ ଭିତରେ ପଶିଗଲେ । ସେଠାରେ ସେମାନଙ୍କୁ ଆଣି ମୁନ୍ଦିଏ ବି ପିଇବା ପାଇଁ ମିଳିଲା ନାହିଁ । ସମସ୍ତେ ଅତି ତୃଷାର୍ତ୍ତ ହୋଇଯାଇଥିଲେ । ହନୁମାନ ଏକ ଅତ୍ୟୁଚ୍ଚ ବୃକ୍ଷରେ ଚଢ଼ି ଅନେକ ଦୂରରେ ଗୋଟିଏ ଗୁମ୍ଫା ଦେଖିବାକୁ ପାଇଲେ । ସେହି ଗୁମ୍ଫା ଭିତରୁ ପକ୍ଷୀମାନେ ବାହାରକୁ ଆସୁଥିଲେ । ହଂସ ପକ୍ଷୀକୁ ଦେଖି ସେଠାରେ ନିଶ୍ଚୟ ଜଳାଶୟ ଅଛି ବୋଲି ଭାବିଲେ ।

ବାନରମାନଙ୍କୁ ହନୁମାନ ସେହି ଗୁମ୍ଫା ଭିତରକୁ ନେଇଗଲେ । ଗୁମ୍ଫା ଭିତରେ ଏକ ଅତି ସୁନ୍ଦର ଦିବ୍ୟ ଉପବନ ଥିଲା । ଫଳଭାରରେ ବୃକ୍ଷଗୁଡିକ ନଇଁ ପଡିଥିଲା । ଆସନରେ ବସି ଜଣେ ମହାଯୋଗିନୀ ସେଠାରେ ପରମାତ୍ମାଙ୍କୁ ଧ୍ୟାନ କରୁଥିଲେ ।

ଏହି ମହାଯୋଗିନୀଙ୍କୁ ଦେଖି ବାନରମାନେ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ଯୋଗିନୀଙ୍କୁ ବନ୍ଦନା କଲେ । ଯୋଗିନୀ ସେମାନଙ୍କୁ ମନବୋଧରେ ଫଳ ଖାଇବା ପାଇଁ କହିଲେ । ସେଠାରେ ଥିବା ମଧୁ ପାନ କରିବା ପାଇଁ କହିଲେ । ଏସବୁ କରି ସାରି ସୁସ୍ଥ ହେବା ପରେ ନିଜକଥା କହିବେ ବୋଲି କହିଲେ ।

ଯୋଗିନୀ ବାନରଙ୍କୁ ସମ୍ମାନ ଦେଲେ । ଏହାପରେ ନିଜ କଥା କହିଲେ, ମୁଁ ଭଗବାନଙ୍କ ଶଙ୍କରଙ୍କର ଦାସୀ । ଶିବଙ୍କ ଆଦେଶରେ ଏଠାରେ ତପସ୍ୟା କରୁଛି । ଶ୍ରୀରାମଙ୍କ ସେବକମାନେ ଏଠାକୁ ଆସିବେ ବୋଲି ଶିବ ମୋତେ କହିଥିଲେ । ତୁମମାନଙ୍କୁ ଆତିଥ୍ୟ ଦେବା ପାଇଁ ସେବାଦାନ କରିବାକୁ କହିଥିଲେ । ଏପରି କଲେ ମୁଁ ଶ୍ରୀରାମଙ୍କର ଦର୍ଶନ ପାଇବି । ଆଜି ତୁମେମାନେ ଆସିଛ । ତୁମେମାନେ ଶ୍ରୀରାମଙ୍କ ସେବକ । ଏଠାରେ ତୁମମାନଙ୍କୁ ଅପେକ୍ଷା କରି ଅନେକ ଦିନ ହେବ ମୁଁ ତପସ୍ୟା କରୁଛି । ଶ୍ରୀରାମଙ୍କ ସେବକଙ୍କୁ ସେବାଦାନ କରିବା ପାଇଁ ଏତେ ଦିନ ପରେ ମୁଁ ସୁଯୋଗ ପାଉଛି । ଏଥର ନିଶ୍ଚୟ ଶ୍ରୀରାମଙ୍କ ଦର୍ଶନ ପାଇବି । ଏହିଠାରୁ ମୁଁ ଶ୍ରୀରାମ ଯେଉଁଠାରେ ଅଛନ୍ତି ସେଠାକୁ ଯିବି । ଏଥର ତୁମେମାନେ ଆଖି ବନ୍ଦକର । ମୁଁ ତୁମକୁ ଗୁମ୍ଫାରୁ ବାହାର କରି ଦୂର ସମୁଦ୍ର କୂଳରେ ପହଞ୍ଚାଇ ଦେବି ।

ବାନରମାନେ ଆଖି ବନ୍ଦ କଲେ । ସେହି ଯୋଗିନୀ ସମସ୍ତ ବାନରଙ୍କୁ ସମୁଦ୍ରକୂଳରେ ପହଞ୍ଚାଇ ଦେଇ ନିଜେ ଶ୍ରୀରାମ ରହିଥିବା ସ୍ଥାନକୁ ଚାଲିଗଲେ ।

ଯୋଗିନୀ ଶ୍ରୀରାମଙ୍କ ପାଖକୁ ଆସି ସାଷ୍ଟାଙ୍ଗ ପ୍ରଣାମ କଲେ । ଶ୍ରୀରାମ ତପସ୍ୱୀ ବେଶରେ ଥିଲେ । ଶ୍ରୀରାମଙ୍କୁ ଦର୍ଶନ କରି ଯୋଗିନୀ ଆନନ୍ଦିତା ହେଲେ । ଶ୍ରୀରାମଙ୍କୁ ସ୍ତୁତି କରି ସେ କହିଲେ ହେ ନାଥ । ମୁଁ ଆପଣଙ୍କର । ଆପଣଙ୍କ ଦର୍ଶନ ଇଚ୍ଛାରେ ମୁଁ ଅନେକ ବର୍ଷ ଧରି ତପ କରୁଥିଲି । ଆଜି ବାନରଙ୍କୁ ଦର୍ଶନ କରି ସେମାନଙ୍କ କୃପାରେ ଆପଣଙ୍କ ଦର୍ଶନ ଲାଭ କଲି । ଆପଣ ହେଉଛନ୍ତି ସର୍ବବ୍ୟାପକ । ହେଲେ ମାୟାର ଆବରଣରେ ଆପଣ ଆପଣଙ୍କ ନିଜ ସ୍ୱରୂପକୁ ଲୁଚାଇ ରଖିଛନ୍ତି । ଆଉ ଏଥିପାଇଁ ଅଜ୍ଞାନୀ ଜୀବ ଆପଣଙ୍କୁ ଚିହ୍ନି ପାରୁନାହାନ୍ତି । ଆପଣଙ୍କ ଦର୍ଶନରେ ମୁଁ କୃତାର୍ଥ ହୋଇଗଲି । ଆପଣ ଏପରି କୃପା କରନ୍ତୁ ଯେପରି ମୋ ଜିଭ କେବଳ ଶ୍ରୀରାମ ଶ୍ରୀରାମ ଜପ କରୁଥିବ ।

## ସ୍ୱର୍ବେଦ

**ସହଜ ମୁକ୍ତ ପର ବୃଦ୍ଧ ହେଁ, ଅମୃତ ଶୁଦ୍ଧ ସ୍ୱରୂପ**
**ପର ଅପରା ମେଁ ଏକ ହେଁ, ଅଦଭୁତ ପୁରୁଷ ଅନୁପ । (୧୧)**

ଭାଷ୍ୟ : ପରବ୍ରହ୍ମ ସ୍ୱଭାବରୁ ହିଁ ମୁକ୍ତ ଅଟନ୍ତି । ଜୀବ ପ୍ରଯତ୍ନ କରି କର୍ମ ବନ୍ଧନରୁ ରହିତ ହୋଇ ମୁକ୍ତ ହୁଏ । କିନ୍ତୁ ସେହି ପରମାନନ୍ଦ, ପରବ୍ରହ୍ମ ସ୍ୱରୂପରୁ ମୁକ୍ତ ଅଟେ । ଏଥିପାଇଁ ତାକୁ ସହଜ ମୁକ୍ତ କହନ୍ତି । ଏହି ସୃଷ୍ଟି ପ୍ରଳୟ, ବିକାଶ, ପତନ ଓ ପ୍ରକୃତିର ପ୍ରତ୍ୟେକ ପରିବର୍ତ୍ତନରେ ଏକ ରୂପରୁ ସମାନ ସ୍ଥିର ରହେ । ସେ ସର୍ବାନ୍ତର୍ଯ୍ୟାମୀ ହୋଇ ଆକାଶ ସଦୃଶ ସବୁଥିରେ ବ୍ୟାପକ ଓ ସର୍ବାଧାର ହୋଇ ଅସଙ୍ଗ ଓ ନିର୍ଲେପ ହୋଇ ନିଜର ଶୁଦ୍ଧ ସ୍ୱରୂପରେ ବିରାଜମାନ ହୋଇଥାନ୍ତି । ଏହାର ଜ୍ଞାନ, କ୍ରିୟା ତଥା ସ୍ୱଭାବ ସର୍ବଦା ନିତ୍ୟ ଏକ ରୂପରେ ରହି ଥାଏ । ଏହାର ଜ୍ଞାନରେ ହ୍ରାସ ବିକାଶ ହୁଏ ନାହିଁ । ଏଣୁ ଏହି ପରବ୍ରହ୍ମ ନିତ୍ୟ, ଜ୍ଞାନବାନ ଓ ସବୁବେଳେ ପ୍ରବୃଦ୍ଧ ଅଟନ୍ତି । ପରବ୍ରହ୍ମର ନିତ୍ୟ, ଜ୍ଞାନବାନ୍ ବସ୍ତୁ ହୋଇଥିବାରୁ ତାଙ୍କର ସ୍ୱରୂପରେ ଭ୍ରାନ୍ତି କି ରୂପାନ୍ତର ହୁଏ ନାହିଁ କି କାର୍ଯ୍ୟରୂପ ହୋଇ ସୃଷ୍ଟିର ଉପାଦାନ ହୋଇଥାଏ । ଚେତନର କ୍ରିୟା ଓ ଶକ୍ତି ଏହାର ସ୍ୱରୂପରେ ସବୁବେଳେ ରହିଥାଏ । ଏହି ଚେତନ କୂଟସ୍ଥର ପରିଭାଷାରୁ ନିଜର ଅସ୍ତିତ୍ୱରେ ବିରାଜମାନ ହୋଇଥାଏ । ପରବ୍ରହ୍ମ ଜଗତର ନିମିତ୍ତ ପାଇଁ କାରଣ ଅଟେ । ଯେପରି କୁମ୍ଭାର ମାଟିରେ ପାତ୍ର ତିଆରି କରେ । ସେହି ପରି ସେହି ପରମ ପ୍ରଭୁ ମୂଳ ପ୍ରକୃତିକୁ ନେଇ ଏହି ବିଶାଳ ଜଗତର ରଚନା କରନ୍ତି । ବ୍ରହ୍ମ ଜଗତରୂପ ହୁଏ ନାହିଁ କି ଚେତନ




ଜଡ଼ସ୍ୱରୂପର ଧାରଣ କରେ କାହିଁକି ନା ଚେତନ ପଦାର୍ଥର କାମ ହୁଏ ନାହିଁ । ଏହା ସବୁବେଳେ କୂଟସ୍ଥ, ସ୍ୱତକାରଣ ସ୍ୱରୂପ ହୋଇଥାଏ । ଜଡ଼ ବସ୍ତୁର କାରଣ ହୋଇଥାଏ, ନିତ୍ୟ ଚେତନ ର ନୁହେଁ । ଯେପରି ମାଟିରେ ପାତ୍ର ଓ ସୁନାରେ ଅଳଙ୍କାର ହୋଇଥାଏ । ସେହିପରି ପରବ୍ରହ୍ମଙ୍କର ରୂପାନ୍ତର ହୁଏ ନାହିଁ । ସେ ଜଗତର ଅନେକ ରୂପଧାରଣ କରି ସେଥିରେ କ୍ରୀଡ଼ା କରେ ନାହିଁ । କାରଣ ଏହା ସତ୍ୟ ଅବିନାଶୀ ଏବଂ ନିତ୍ୟାବସ୍ତୁ ଅଟେ । ନିତ୍ୟ ବସ୍ତୁର କାରଣ କିମ୍ବା କାର୍ଯ୍ୟ ହୁଏ ନାହିଁ । ତାର କାର୍ଯ୍ୟ ତାର ଭିନ୍ନ ଅନ୍ୟ ପଦାର୍ଥର ହୋଇଥାଏ । ଏହା ସ୍ୱତଃ ଜ୍ଞାନ କ୍ରିୟା ଓ ନିଜ ଗୁଣରେ ପ୍ରକାଶମାନ ହୋଇ ଜଗତର ରକ୍ଷା ଓ ପରିପୋଷଣ କରିଥାଏ । ଏଥିପାଇଁ ପରବ୍ରହ୍ମଙ୍କୁ ସ୍ୱର୍ବେଦର ସହଜ, ମୁକ୍ତ ଓ ପ୍ରବୃଦ୍ଧି କୁହାଯାଇଥାଏ । ତିନିପାଦ ଅମୃତକୁ ଶୁଦ୍ଧ ସ୍ୱରୂପ କୁହାଯାଏ । ପରବ୍ରହ୍ମଙ୍କ ଚତୁର୍ଥାଂଶ ଏକ ପାଦରେ ହିଁ ଏହା ଅଖିଳ ବ୍ରହ୍ମାଣ୍ଡର ଚକ୍ରଧାରଣ, ପାଳନ ଓ ଲୟ ହୋଇଥାଏ । ସେହି ପରବ୍ରହ୍ମ ତିନି ପାଦ ଅମୃତ ଓ ଏକପାଦ ଅକ୍ଷର ମହାମଣ୍ଡଳ ପ୍ରକୃତିରେ ଓତଃପ୍ରୋତଃ ପରିପୂର୍ଣ୍ଣ ବ୍ୟାପକ ଅଟେ । ଏହା ଅଦଭୁତ ଓ ଅନୁପମ ପୁରୁଷ, ପ୍ରକୃତି, ଅକ୍ଷର, ଆତ୍ମା ଏବଂ ଚରାଚର ଜଗତରେ ବ୍ୟାପକ ହୋଇ ତିନି ପାଦ ଶୁଦ୍ଧ ସଚ୍ଚିଦାନନ୍ଦ ସ୍ୱରୂପ ସମାଧିଧାମରେ ମଧ ଅନିର୍ବାଚ୍ୟ, ନିଶବ୍ଦ ସ୍ୱରୂପରେ ଏକରସ ପରିପୂର୍ଣ୍ଣ ବ୍ୟାପ୍ତ ଅଟନ୍ତି ।

**ସବ କା ଜୀବନ ପ୍ରାଣ ହେଁ, ସବକା ଏକ ଅଧାର**
**ଅଜ ଅଦ୍ୱୈତ ଅନାମ ହେଁ, ପରମ ପୁରୁଷ କରତାର । (୧୨)**

ଭାଷ୍ୟ : ସେହି ପରମପ୍ରଭୁ ସଂପୂର୍ଣ୍ଣ ଚରାଚର ଜଗତର ଜୀବନ ଓ ଏକମାତ୍ର ଆଧାର ଅଟେ । ପ୍ରକୃତି ଆତ୍ମାରେ ଯେଉଁ ପ୍ରାଣ ଶକ୍ତି କାର୍ଯ୍ୟ କରେ ଏବଂ ସମସ୍ତଙ୍କ ଭରଣ ପୋଷଣ ଯାହାଦ୍ୱାରା ହୁଏ, ତାହା ପରମ ପୁରୁଷ ନିତ୍ୟ ଓ ପ୍ରାକୃତିକ ନାମରୂପରେ ରହିତ ଅଟେ । ସେହି ଅବ୍ୟକ୍ତ ଅନୁଭବ ଗମ୍ୟ, ଜଗତର କର୍ତ୍ତା, ପରମ ପୁରୁଷ ନିତ୍ୟ ଓ ଅଦ୍ୱିତୀୟ ଅଟେ, ଅର୍ଥାତ୍ ତାର ସମାନ ଦ୍ୱିତୀୟ କୌଣସି ପଦାର୍ଥ ନାହିଁ । ଏଥିପାଇଁ ସେହି ପରବ୍ରହ୍ମ ସବୁବେଳେ ଅଦ୍ୱୈତ ଏବଂ ଅବ୍ୟକ୍ତ ଅଟନ୍ତି ।

## ଗୁଣକାରୀ ଧନିଆ

ଘରେ ଘରେ ପରିଚିତ ଧନିଆ କେବଳ ମସଲା ରୂପେ ବ୍ୟବହାର ହୋଇ ନ ଥାଏ । ଏହା ଖାଦ୍ୟକୁ ଭିନ୍ନ ସ୍ୱାଦ ଦେଇଥାଏ । ତେବେ ଧନିଆର ବହୁ ଔଷଧୀୟ ଗୁଣ ମଧ ରହିଛି । ହର୍ବାଲ ବିଜ୍ଞାନୀ ଏହାକୁ ମଣିଷର ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ବ୍ୟବହାର କରିଥାନ୍ତି ।



ଧନିଆରେ ଅଧିକ କ୍ୟାଲସିୟମ୍ ରହିଥିବାରୁ ଖାଦ୍ୟ ରୂପେ ଏହାକୁ ଅଧିକରୁ ଅଧିକ ବ୍ୟବହାର କଲେ ଆଣ୍ଠୁଗଣ୍ଠିଜନିତ ସମସ୍ୟା ଓ ହାଡ଼ ଜନିତ ସମସ୍ୟା ଦୂର ହୋଇଥାଏ ।

ମୁଖରୁ ଦୁର୍ଗନ୍ଧ ବାହାରୁଥିଲେ ଧନିଆ ପତ୍ର ରସକୁ ନିୟମିତ ଭାବେ କୁଳି କଲେ ତାହା ବନ୍ଦ ହୋଇଯାଏ ।

ସେହିପରି ଦାନ୍ତମୂଳରୁ ରକ୍ତ ବାହାରୁଥିଲେ ଓ ଏହା ଦୁର୍ଗନ୍ଧ ହେଉଥିଲେ ଧନିଆ ପତ୍ର ବାଟି ନିୟମିତ ଦାନ୍ତରେ ବ୍ୟବହାର କରନ୍ତୁ । ଏପରି କିଛି ଦିନ କଲେ ଦାନ୍ତମୂଳ ମଜବୁତ ହେବା ସହ ରକ୍ତ ବାହାରିବା ମଧ ବନ୍ଦ ହୋଇଯାଏ ।

ଶିଶୁର କାଶ ଓ ଶ୍ୱାସ ରୋଗ ହୋଇଥିଲେ ଚାଉଳଧୂଆ ପାଣିରେ ଏକ ଗ୍ରାମ ଧନିଆକୁ ବାଟି ସେଥିରେ ଚିନି ମିଶାଇ ପାନ କରାଇଲେ କାଶ ଓ ଶ୍ୱାସ ଭଲ ହୋଇଥାଏ ।

ସେହିପରି ଅଧ କପ୍ ଧନିଆ ପତ୍ର ରସ ସହ ଅଳ୍ପ ମିଶ୍ରି ମିଶାଇ ନିୟମିତ ସେବନ କଲେ କ୍ଷୁଧାବୃଦ୍ଧି ହେବା ସହ ଭଲ ନିଦ ଏବଂ ଗ୍ୟାସ ଜନିତ ସମସ୍ୟା ଦୂର ହୋଇଥାଏ । ବାତ ରୋଗ ହୋଇଥିଲେ ଦୁଇ ଗ୍ରାମ ଧନିଆ, ଏକ ଗ୍ରାମ ଜିରା ଓ ଏକ ଗ୍ରାମ କଳାଜିରାକୁ ନେଇ ଗୁଣ୍ଡ କରି ଦିଅନ୍ତୁ । ଏହାକୁ ଗୁଡ଼ ପାକ ବିଧି ଅନୁସାରେ ପାନ କଲେ ବାତ ରୋଗ ଦୂର ହୋଇଥାଏ ।

## ଭୃଙ୍ଗରାଜର ଉପକାରିତା

ସାରା ଭାରତରେ ଦେଖାଯାଏ ଭୃଙ୍ଗରାଜ । କୌଣସି ସନ୍ତସନ୍ତିଆ ସ୍ଥାନ, ପୋଖରୀ କୂଳରେ ଏହି ଗଛ ବହୁଳ ଭାବେ ଦେଖିବାକୁ ମିଳେ । କିଛି ଭୃଙ୍ଗରାଜରେ ହଳଦିଆ ଫୁଲ ଦେଖିବାକୁ ମିଳେ ତ କେତେକରେ ଧଳା । କେଶକୁ ସୁସ୍ଥ ରଖିବା, ଶରୀରକୁ ଶକ୍ତିଶାଳୀ କରିବା, ବୟସର ଛାପକୁ ହ୍ରାସ କରିବା ପରି ଅନେକ ଉପକାରିତା ଏହାର ରହିଛି । ଆୟୁର୍ବେଦରେ ଏହି ଗଛର ବିଭିନ୍ନ ଔଷଧୀୟ ଗୁଣ ସମ୍ପର୍କରେ ଉଲ୍ଲେଖ ରହିଛି ।



ଭୃଙ୍ଗରାଜର ନିୟମିତ ସେବନ ଦ୍ୱାରା ପାଚନଶକ୍ତିର ବୃଦ୍ଧି ଘଟେ । ଆମର ବୃହଦନ୍ତ୍ରରୁ ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିବାରେ ଏହା ସହାୟକ ହୋଇଥାଏ । ଅଜୀର୍ଣ୍ଣ ଦୂର କରିଥାଏ । ପ୍ରତିଦିନ ଚାରି ପାଞ୍ଚଟି ଏହାର ପତ୍ର ଖାଇବା ଦ୍ୱାରା କୋଷ୍ଠବଦ୍ଧତା ଦୂର ହୁଏ ।

ଭୃଙ୍ଗରାଜରେ ଆଣ୍ଟିସେପ୍ଟିକ ତଥା ଜୀବାଣୁରୋଧୀ ତତ୍ତ୍ୱ ରହିଛି । ଏହା ମୂତ୍ର ସଂକ୍ରମଣକୁ ରୋକିବାରେ ସହାୟକ ହୋଇଥାଏ । ମହିଳାମାନଙ୍କ ଠାରେ ସାଧାରଣତଃ ପରିସ୍ରା ସଂକ୍ରମଣଜନିତ ସମସ୍ୟା ଦେଖାଯାଇଥାଏ । ଏହି ପତ୍ରରେ ଅଳ୍ପ ପାଣି ଦେଇ ତାକୁ ବାଟି ଦିଅନ୍ତୁ । ଏହି ରସକୁ ଛାଣି ଦିନକୁ ଦୁଇଥର ନିୟମିତ ସେବନ କରନ୍ତୁ ।

ଭୃଙ୍ଗରାଜର ନିୟମିତ ସେବନ ଶ୍ୱସନତନ୍ତ୍ର ତଥା ଫୁସଫୁସର ସଂକ୍ରମଣକୁ ରୋକିଥାଏ । ଭୃଙ୍ଗରାଜର ରସ ଏବଂ ରାଶି ତେଲକୁ ସମାନ ମାତ୍ରାରେ ନେଇ ନିଆଁରେ ଫୁଟାଇ ଦିଅନ୍ତୁ । ଏହାକୁ ଛାଣି ଅଧାଚାମଚରୁ ଏକ ଚାମଚ ପର୍ଯ୍ୟନ୍ତ ଦିନକୁ ଦୁଇଥର ସକାଳେ ଏବଂ ସନ୍ଧ୍ୟାରେ ସେବନ କରନ୍ତୁ ।

କେଶକୁ କଳା ରଖିବାକୁ ଚାହୁଁଥିଲେ ପ୍ରତିଦିନ ଏହାର ପତ୍ରର ରସକୁ ମୁଣ୍ଡରେ ମାଲିସ୍ କରନ୍ତୁ । ଭୃଙ୍ଗରାଜ ଏବଂ ଅଁଳାର ତାଜା ପତ୍ରକୁ ଛେଚି କେଶମୂଳେ ଲଗାନ୍ତୁ । ଏହା କେଶକୁ ମଜଭୁତ କରିଥାଏ ।

ପେଟ ଖରାପ ଥିଲେ ଭୃଙ୍ଗରାଜ ପତ୍ରର ରସ କିମ୍ବା ଏହାର ଚୂର୍ଣ୍ଣ ୧୦ ଗ୍ରାମ ନେଇ ଗୋଟେ ଗିନା ଦହିରେ ମିଶାଇ ଦିନକୁ ଦୁଇଥର ଲେଖା ତିନି ଦିନ ଖାଆନ୍ତୁ ।

ମାଇଗ୍ରେନ୍ ବା ଅର୍ଦ୍ଧକପାଳୀର ଯନ୍ତ୍ରଣା ହ୍ରାସ ପାଇଁ ଭୃଙ୍ଗରାଜ ପତ୍ରକୁ ଛେଳି କ୍ଷୀରରେ ସିଝାଇ ଏହି କ୍ଷୀରର ମାତ୍ର କେଇ ବୁନ୍ଦା ନାକରେ ପକାନ୍ତୁ ।

ଭୃଙ୍ଗରାଜ ଗଛକୁ ଶୁଖାଇ ତାକୁ ଚୂର୍ଣ୍ଣ କରିଦିଅନ୍ତୁ । ସମାନ ପରିମାଣର ହରିଡ଼ା ଚୂର୍ଣ୍ଣ ସେଥିରେ ମିଶାଇ ଏହାକୁ ଗୁଡ ସହ ସେବନ କରିବା ଦ୍ୱାରା ଅମ୍ଳରୋଗ ଦୂର ହୁଏ ।

କେହି ଯଦି ଖନେଇ ଖନେଇ କହୁଥାଏ ତେବେ ଏହି ଗଛର ରସରେ ଦେଶୀ ଘିଅ ମିଶାଇ ତାକୁ ନିଆଁରେ ଫୁଟାଇ ଦୈନିକ ୧୦ ଗ୍ରାମ ପିଇବାକୁ ଦେବା ଦରକାର । ଗୋଟେ ମାସ ଯାଏଁ ଏହାକୁ ପିଆନ୍ତୁ ।

ଜଣ୍ଡିସ୍ ବା କାମଳ ରୋଗରେ ପୀଡିତ ବ୍ୟକ୍ତିକୁ ଏହି ଗଛର ଚୂର୍ଣ୍ଣ ସହ ମିଶ୍ରି ମିଶାଇ ଖାଇବାକୁ ଦିଅନ୍ତୁ । ଆହୁରି ମଧ ଆପଣ ଭୃଙ୍ଗରାଜକୁ ଛେଚି ତା'ର ପତ୍ରରୁ ୧୦ ଗ୍ରାମ ରସ ବାହାର କରି ସେଥିରେ ଗୋଟିଏ ଗ୍ରାମ ଗୋଲମରିଚ ଗୁଣ୍ଡ ମିଶାଇ ଦିନକୁ ତିନିଥର ତିନିଦିନ ଯାଏଁ ପିଆଇ ପାରିବେ । ଏହି ମିଶ୍ରଣରେ ଟିକେ ମିଶ୍ରିଗୁଣ୍ଡ ମଧ ମିଶାଇ ପାରିବେ ।

ଗୁଦାଭ୍ରଂଶ ପାଇଁ ଭୃଙ୍ଗରାଜର ଚେର ଏବଂ ହଳଦୀକୁ ମିଶାଇ ପ୍ରସ୍ତୁତ ହୋଇଥିବା ମଲମ ବ୍ୟବହାର କରାଯାଇଥାଏ ।

ଧଳାଦାଗ ଦୂର ପାଇଁ କଳାପତ୍ର ଏବଂ କଳାଶାଖାଯୁକ୍ତ ଭୃଙ୍ଗରାଜ ସଂଗ୍ରହ କରନ୍ତୁ । ଏହାକୁ ନିଆଁରେ ସେକି ଚାରିମାସ ଯାଏଁ ଖାଇବାକୁ ପଡିଥାଏ ।

ଗର୍ଭ ରହୁ ନ ଥିବା ମହିଳାଙ୍କ ଗର୍ଭାଶୟକୁ ଶକ୍ତିଶାଳୀ କରିବା ପାଇଁ ତାଙ୍କୁ ଦୈନିକ ପାଞ୍ଚ/ ଛଅ ଗ୍ରାମ ତାଜା ଭୃଙ୍ଗରାଜ ପତ୍ରର ରସ ପିଇବାକୁ ଦେବା ଦରକାର ।

ଆଖିକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ଭୃଙ୍ଗରାଜ ପତ୍ରର ତିନି ଗ୍ରାମ ଚୂର୍ଣ୍ଣ ଗୋଟେ ଚାମଚ ମହୁରେ ମିଶାଇ ପ୍ରତିଦିନ ଖାଲିପେଟରେ ସେବନ କରନ୍ତୁ ।

ଭୃଙ୍ଗରାଜର ରସରେ ଯକୃତ ଆରୋଗ୍ୟର ଅନେକ ଗୁଣ ରହିଛି ।

ତ୍ରିଫଳା ଚୂର୍ଣ୍ଣରେ ଭୃଙ୍ଗରାଜ ରସ ଗୋଳାଇ ତାକୁ ଶୁଖାଇ ପ୍ରତିଦିନ ଅଧା ଚାମଚ ପାଣିରେ ସେବନ କରିବା ଦ୍ୱାରା କେଶ ଧଳା ହୁଏ ନାହିଁ । ତେବେ ଏସବୁ ଉତ୍ତମ ବୈଦ୍ୟଙ୍କ ପରାମର୍ଶରେ କରାଯିବା ଉଚିତ ।

## ଆପଣ ଜାଣନ୍ତି କି ?

- ସନ୍ତରଣ କଲା ବେଳେ ଡଲଫିନ୍ ତାର ମସ୍ତିଷ୍କର ଗୋଟିଏ ପଟକୁ ସୁପ୍ତ ରଖିପାରୁଥିବା ବେଳେ ଅନ୍ୟ ପଟଟିକୁ ସକ୍ରିୟ ରଖିପାରେ ।
- ୨୦୧୭ ମସିହାରେ ପ୍ରକାଶିତ ମିଳିତ ଜାତିସଂଘର ଏକ ଆଲେଖ୍ୟରୁ ଏହା ଆଶଙ୍କା କରାଯାଇଛି ଯେ କାର୍ବନ ନିଃସରଣ ମାତ୍ରା ହ୍ରାସ ନ ପାଇଲେ ୨୧୦୦ ମସିହା ବେଳକୁ ୨୯ଟି ଐତିହ୍ୟବାହି ପ୍ରବାଳ ପ୍ରାଚୀର ଧ୍ୱଂସ ପାଇଯିବ ।
- ଉତ୍ତର କାନାଡାରେ ଦେଖା ଯାଉଥିବା ନାଲି ରଙ୍ଗର ଏକ ପ୍ରକାରର ବାଦୁଡି ଶୀତନିଦ୍ରାକୁ ଚାଲିଗଲେ ଜୀବିତ ରହିବା ପାଇଁ ୧୦ ମିନିଟରେ ଥରେ ମାତ୍ର ନିଃଶ୍ୱାସ ନେଇଥାଆନ୍ତି ।
- ବିଶ୍ୱର ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ଗଛର ନାଁ ୪୫ ଜେନେରା । ଗବେଷଣାରୁ ଜଣାଯାଇଛି ଯେ ଏହି ଗଛ ପ୍ରତିଦିନ ୯୧ ସେଣ୍ଟିମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ ।
- ଖାଦ୍ୟ ପ୍ରତି ଥିବା ଭୟକୁ କୁହାଯାଏ ସିବୋଫୋବିୟା ।
- କ୍ରାନବେରିକୁ କୁହାଯାଇଥାଏ ବାଉନ୍ସ ବେରି । କାରଣ ପାଚିଗଲା ପରେ ଏହି କୋଳିଗୁଡିକ ତଳେ ପଡିଲେ ରବର ବଲ ଭଳି ଡିଆଁ ମାରିଥାଆନ୍ତି ।
- ଟେଟ୍ରୋପ୍ୟାକର '୧୦୦ ପ୍ରତିଶତ ଖାଣ୍ଟି' ଲେମ୍ବୁ ରସ ୧୦୦ ପ୍ରତିଶତ କୃତ୍ରିମ ସ୍ୱାଦରେ ଭରା ।
- ଜାଣିଲେ ଆବାକ୍ ହେବେ ଯେ ବନ୍ଧାକୋବିର ୯୧ ପ୍ରତିଶତ ହେଉଛି ପାଣି ।
- ଜୋକର କେତୋଟି ମସ୍ତିଷ୍କ ଥାଏ ଜାଣନ୍ତି ? ଭାବୁଛନ୍ତି କି ଦୁଇ ତିନୋଟି ହୋଇଥିବ । ଜୋକର ୩୨ ଟି ମସ୍ତିଷ୍କ ଥାଏ ।

## ମାଇଗ୍ରେନ ଦୂର କରିବ ଭିଟାମିନ୍ ଡି

ଯଦି ଆପଣ ମାଇଗ୍ରେନ୍ ପାଇଁ ଚିନ୍ତିତ, ତେବେ ଏହାର ସବୁଠୁ ସହଜ ଉପାୟ ଭିଟାମିନ୍ ଡି । ଏହା ଯନ୍ତ୍ରଣାକୁ ଲାଘବ କରିବାରେ ସହାୟକ ହୋଇଥାଏ । ବ୍ରିଟେନରେ ହୋଇଥିବା ଏକ ଗବେଷଣାରୁ ଜଣାପଡିଛି, ଭିଟାମିନ୍ ଡି ଦ୍ୱାରା ମାଇଗ୍ରେନର ଛୁଟି କରାଯାଇପାରେ । ସୂର୍ଯ୍ୟଙ୍କ କିରଣ ଭିଟାମିନ୍ ଡି'ର ସବୁଠୁ ଉତ୍ତମ ସ୍ରୋତ । ତେଣୁ ଏହି ଭିଟାମିନ୍‌କୁ ପାଇବାର କୌଣସି ପ୍ରକାରର କଠିନ ପରିଶ୍ରମ କରିବାକୁ ପଡିବ ନାହିଁ । ଏହାଛଡ଼ା ବଜାରରେ ମଧ ଭିଟାମିନ୍ ଡି ବଟିକା ସହଜରେ ଉପଲବ୍ଧ । ଗବେଷକଙ୍କ ମତରେ, ଭିଟାମିନ୍ ଡି'ର ପୂରାକ ଆହାର ମାଇଗ୍ରେନ ଆଟାକକୁ ଯାଦୁ ଭଳି କମ୍ କରିଦିଏ । ଗବେଷଣାରେ ମାଇଗ୍ରେନ ରୋଗୀଙ୍କୁ ପ୍ରାୟ ୬ ମାସ ପର୍ଯ୍ୟନ୍ତ ଗବେଷକମାନେ ଦୈନନ୍ଦିନ ଭିଟାମିନ୍ ଡି ଦେଇଥିଲେ । ନିଷ୍କର୍ଷରୁ ଜଣାପଡିଲା, ଯେଉଁଠି ରୋଗୀମାନେ ପୂର୍ବରୁ ମାସକୁ ୬ ଥର ମାଇଗ୍ରେନର ଶିକାର ହେଉଥିଲେ, ଭିଟାମିନ୍ ଡି' ଗ୍ରହଣ କରିବା ପରେ ତାହା ୩ ଥରକୁ ହ୍ରାସ ପାଇଥିଲା । ଭିଟାମିନ୍ ଡି ବଟିକା ମସ୍ତିଷ୍କର ରକ୍ତ ବାହିକାରେ ସୃଷ୍ଟ ଜମାଟକୁ ଭଲ କରି ରକ୍ତପ୍ରବାହ ସଠିକ୍ କରିଥାଏ । ଏହାଦ୍ୱାରା ମାଇଗ୍ରେନ୍ ଯନ୍ତ୍ରଣାରୁ ଉପଶମ ମିଳିଥାଏ ।




## କହିପାରିବେ କି ?

(୧) କେଉଁ ପଶୁକୁ ମରୁଭୂମିର ଜାହାଜ କୁହାଯାଏ ?
(୨) ସବୁଠାରୁ ବଡ଼ ସ୍ତନ୍ୟପାୟୀ ପ୍ରାଣୀ କେଉଁଟି ?
(୩) ସାଧାରଣତଃ ଗଛ କେଉଁ ଗ୍ୟାସ୍ ଗ୍ରହଣ କରିଥାଏ ?
(୪) ବିଶ୍ୱର ଛାତ ଭାବେ କେଉଁ ସ୍ଥାନ ପରିଚିତ ?
(୫) ଇନ୍ଦ୍ର ଧନୁରେ କେତୋଟି ରଙ୍ଗ ଥାଏ ?
(୬) ଭାଲୁର କେତୋଟି ଦାନ୍ତ ଥାଏ ?
(୭) ବିଶ୍ୱର ୮୫ ପ୍ରତିଶତ ଗୁଳ୍ମ କେଉଁଠି ଥାଏ ?
(୮) କେଉଁ ପ୍ରାକୃତିକ ପଦାର୍ଥ କେବେହେଲେ ଖରାପ ହୁଏ ନାହିଁ ?
(୯) ଜିରାଫ୍ କାହା ସାହାଯ୍ୟରେ କାନ ସଫା କରେ ?
(୧୦) ହାତୀ ଦିନକ କେତେ ସମୟ ଶୋଇଥାଏ ?

### JUMBLE WORDS

| | | | |
|---|---|---|---|
| 1) CNLIG | = | 6) HRITS | = |
| 2) LNKTE | = | 7) PEPRAA | = |
| 3) ISTAUH | = | 8) BIDYRH | = |
| 4) CCNIES | = | 9) CORUC | = |
| 5) PREIG | = | 10) AACWM | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ୧୪ ଏପ୍ରିଲ ୧୮୯୧, ୨. ୧୯୯୦, ୩. ସ୍ୱାସ୍ଥ୍ୟ ପାଇଁ ଯୋଗ ଓ ଘରେ ରହି ଯୋଗାଭ୍ୟାସ, ୪. ମାହୀ, ୫. ବନ୍ଧୁତ୍ୱ ଦିବସ, ୬. ଅଗଷ୍ଟ ୬, ୭. ୪ ଜୁଲାଇ, ୮. ଜୁଲାଇ ୧୧, ୯. ୧୯୭୪, ୧୦. କେବଳ ଏକ ପୃଥିବୀ ।

***Jumble Words*** **ର ଉତ୍ତର :-**

(1) EXILE (2) MESSY (3) BETRAY (4) CACKLE (5) CREEK
(6) FUNNY (7) VERIFY (8) BETTER (9) SCRIPT (10) LAYOUT.

# ଯଜ୍ଞ- ଏକ ସମଗ୍ର ଜୀବନ ଦର୍ଶନ ଏବଂ ପ୍ରେରଣା ପ୍ରବାହ

**ଯ**ଜ୍ଞ ବୈଦିକ ସଂସ୍କୃତିର ମୁଖ୍ୟ ପ୍ରତୀକ । ଭାରତୀୟ ସଂସ୍କୃତିରେ ଯଜ୍ଞକୁ ଯେମିତି ଗୁରୁତ୍ୱ ଦିଆଯାଇଛି, ସେତିକି ବୋଧହୁଏ ଅନ୍ୟ କୌଣସି କ୍ରିୟାକଳାପକୁ ଦିଆଯାଇ ନାହିଁ । ଆମର ,ଠାରେ ଯଜ୍ଞ ବିନା କୌଣସି ଶୁଭ ଅଶୁଭ କର୍ମକୁ ଅପୂର୍ଣ୍ଣ ମନେ କରାଯାଏ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ, ଜୀବନର ପ୍ରତ୍ୟେକ ମୋଡ଼ରେ ଏହାର ବିଦାନ ଯୋଡି ହୋଇ ରହିଛି ।

ଯଜ୍ଞ କେବଳ ଅଗ୍ନିରେ ଆହୁତି ଦେବାର କର୍ମକାଣ୍ଡ ନୁହେଁ, ବରଂ ଏଥିରେ ଏକ ସମଗ୍ର ସଶକ୍ତ ଜୀବନ ଦର୍ଶନ ଲୁଚି ରହିଛି । ଏହାର ସରଳ ଓ ସୁବୋଧ ପ୍ରେରଣାଗୁଡିକରେ ମନୁଷ୍ୟକୁ ଉଦାର ଏବଂ ଉଦାତ୍ତ କରିବାର ସେହି ସମସ୍ତ ତତ୍ତ୍ୱ ମହଜୁଦ ଅଛି, ଯାହା ସଂସାରର ଅନ୍ୟ କୌଣସି ଦର୍ଶନରେ ଉପଲବ୍ଧ ନାହିଁ । ଏହି କାରଣରୁ ଏହାକୁ ଭାରତୀୟ ସଂସ୍କୃତିର ପିତା କୁହାଯାଇଛି । ଯଜ୍ଞୀୟ ଦର୍ଶନ ବ୍ୟକ୍ତି ଏବଂ ସମାଜକୁ ଶ୍ରେଷ୍ଠ, ଶାଳୀନ ଓ ସମୁନ୍ନତ କରାଇବାରେ ସମର୍ଥ । ଯଜ୍ଞୀୟ ପ୍ରେରଣାଗୁଡିକୁ ଜୀବନରେ ଉତାରି ପାରିଲେ ଏହା ସ୍ଥାୟୀ ସୁଖ ଶାନ୍ତିର ମଜଭୁତ ଆଧାର ହୋଇ ପାରିବ ।

ଯଜୁର୍ବେଦରେ ଏହି ସତ୍ୟର ସ୍ପଷ୍ଟ ଘୋଷଣା ରହିଛି ଯେ, ସୁଖ ଶାନ୍ତି ଚାହୁଁଥିବା କୌଣସି ବ୍ୟକ୍ତି ଯଜ୍ଞ ପରିତ୍ୟାଗ କରେ ନାହିଁ । ଯଦିଏ ଯଜ୍ଞକୁ ଛାଡିଥାଏ, ତାକୁ ଯଜ୍ଞ ରୂପ ପରମାତ୍ମା ମଧ ଛାଡି ଦିଅନ୍ତି । ସମସ୍ତଙ୍କ ଉନ୍ନତି ସକାଶେ ଯଜ୍ଞରେ ଆହୁତି ଦିଆଯାଏ ଏବଂ ଯିଏ ଆହୁତି ଦିଏ ନାହିଁ, ତା'ର ଉତ୍ଥାନ ସମ୍ଭବ ହୋଇପାରେ ନାହିଁ । ସତପୁରୁଷମାନେ ସର୍ବଦା ଯଜ୍ଞ ପରାୟଣ ହେବା ଉଚିତ । ଯଜ୍ଞ ଯୋଗୁଁ ହିଁ ବହୁତ ସତପୁରୁଷ ଦେବତା ହୋଇଛନ୍ତି । ବାସ୍ତବରେ ଯଜ୍ଞ, ଜୀବନର ସାଂସାରିକ ଉତ୍କର୍ଷ ସହିତ ଆତ୍ମକଲ୍ୟାଣକୁ ସିଦ୍ଧ କରିବାର ସାଧନ ଅଟେ ।

ଶ୍ରୀମଦ୍ ଭଗବତ୍ ଗୀତାରେ ଯଜ୍ଞର ସ୍ୱରୂପ, ଦର୍ଶନ ଓ ମହତ୍ତ୍ୱ ଉପରେ ବିସ୍ତାର ପୂର୍ବକ ଆଲୋକପାତ କରାଯାଇଛି । ଏଥିରେ ଯଜ୍ଞର ବିଭିନ୍ନ ସ୍ୱରୂପର ବର୍ଣ୍ଣନ କରାଯାଇଛି ତଥା ଯଜ୍ଞକୁ ଜୀବନର ଚରମ ପୁରୁଷାର୍ଥ ମୋକ୍ଷର କାରକ ମନେ କରାଯାଇଛି । ଗୀତା ଅନୁସାରେ ଯଜ୍ଞ କର୍ମ ବ୍ୟତୀତ ଅନ୍ୟ ସବୁ କର୍ମରେ ଲାଗିଥିବା ମନୁଷ୍ୟ କର୍ମଗୁଡିକରେ ବାନ୍ଧି ହୋଇଯାଏ । ସେଥିପାଇଁ ଭଗବାନ କହୁଛନ୍ତି 'ହେ ଅର୍ଜୁନ, ଆସକ୍ତି ରହିତ ହୋଇ ସେହି ପରମେଶ୍ୱରଙ୍କ ନିମିତ୍ତ କର୍ମର ଉତ୍ତମ ପ୍ରକାର ଆଚରଣ କର । ଯଜ୍ଞ, ଇହଲୋକ ଓ ପରଲୋକକୁ ସିଦ୍ଧ କରିଥାଏ ତଥା ମୁକ୍ତିର କାରଣ ହୋଇଥାଏ ।



ଯଜ୍ଞର ବେଦୋକ୍ତ ଆୟୋଜନ ଶକ୍ତିଶାଳୀ ମନ୍ତ୍ରୀଗୁଡିକର ବିଧିବତ୍ ଉଚ୍ଚାରଣ, ବିଧିପୂର୍ବକ ନିର୍ମିତ କୁଣ୍ଡ, ଶାସ୍ତ୍ରୋକ୍ତ ସମିଧା ତଥା ସାମଗ୍ରୀ ଗୁଡିକରେ ଯେବେ ବିଧାନପୂର୍ବକ ହବନ କରାଯାଏ, ତ ତାହାର ଦିବ୍ୟ ପ୍ରଭାବ ବିସ୍ତୃତ ଆକାଶ ମଣ୍ଡଳରେ ବ୍ୟାପିଯାଏ । ତାହାର ପ୍ରଭାବର ଫଳସ୍ୱରୂପ ପ୍ରଜାଙ୍କ ଅନ୍ତଃକରଣରେ ପ୍ରେମ, ଏକତା, ସଯୋଗ, ସଦଭାବ, ଉଦାରତା, ସଚ୍ଚୋଟତା, ସଂଯମ, ସଦାଚାର, ଆସ୍ତିକତା ଆଦି ସଦଗୁଣ ଗୁଡିକର ସ୍ୱତଃ ଆବିର୍ଭାବ ହେବାରେ ଲାଗେ । ଏହିପରି ବ୍ୟକ୍ତି ଓ ସମୂହ ଉପରେ ଯଜ୍ଞର ଅଦଭୁତ ସକାରାତ୍ମକ ପ୍ରଭାବ ପଡିଥାଏ ।

ବସ୍ତୁତଃ ଯଜ୍ଞ, ଯଦ୍ ଧାତୁରୁ ଗଠିତ, ଯାହାର ତିନିଟି ଅର୍ଥ ହେଉଛି ଦେବପୂଜନ, ସଙ୍ଗତିକରଣ ଓ ଦାନ । ଏହି ତିନିଟି ପ୍ରବୃତ୍ତିରେ ବ୍ୟକ୍ତି ଓ ସମାଜର ଉତ୍କର୍ଷର ସମ୍ଭାବନା ବିଦ୍ୟମାନ । ଦେବପୂଜନର ଅର୍ଥ ପରିଷ୍କୃତ ବ୍ୟକ୍ତିତ୍ୱ, ଦୈବୀ ସଦଗୁଣ ଗୁଡିକର ଅନଗମନ । ସଙ୍ଗତିକରଣର ଅର୍ଥ - ଏକତା, ସହକାରିତା, ସଂଘବଦ୍ଧତା । ଦାନର ଅର୍ଥ- ସମାଜପରାୟଣତା, ବିଶ୍ୱ କୌଟୁମ୍ବିକତା ଓ ଉଦାର ସହୃଦୟତା । ଏହି ତିନି ପ୍ରବୃତ୍ତିର ପ୍ରତିନିଧିତ୍ୱ ଯଜ୍ଞ କରିଥାଏ । ସରଳ ଭାଷାରେ ଯଜ୍ଞର ଅର୍ଥ ଦାନ, ଏକତା, ଉପାସନା ଅଟେ, ଏସବୁ ମିଶି ବୈୟକ୍ତିକ ଏବଂ ସାମୂହିକ ଉତ୍କର୍ଷର ସଶକ୍ତ ସାଧନ ହୋଇଥାଏ ।

ଯଜ୍ଞ ସହିତ ଜଡିତ କ୍ରେନ୍ଦୀୟ ତତ୍ତ୍ୱ ଅଗ୍ନି, ସ୍ୱୟଂ ଅଜସ୍ର ପ୍ରେରଣାରେ ପରିପୂର୍ଣ୍ଣ, ଯାହାର ମହତ୍ତ୍ୱକୁ ବୁଝାଇ ଋଗବେଦରେ ଯଜ୍ଞାଗ୍ନିକୁ ପୁରୋହିତର ସଂଜ୍ଞା ଦିଆଯାଇଛି । ତାହାର ଶିକ୍ଷାଗୁଡିକ ଉପରେ ଚାଲି ଲୋକ ପରଲୋକ ଉଭୟକ ସୁଧାର କରାଯାଇ ପାରେ ।

ଅଗ୍ନିରେ ଯାହା କିଛି ମୂଲ୍ୟବାନ ପଦାର୍ଥ ହବନ କରାଯାଏ, ସେଗୁଡିକୁ ସେ ସଂଗୃହୀତ କରି ରଖେ ନାହିଁ, ବରଂ ସର୍ବସାଧାରଣଙ୍କ ଉପଯୋଗ ନିମନ୍ତେ ବାୟୁମଣ୍ଡଳରେ ବିଛେଇ ଦିଏ । ଏହିପରି ଆମେ ଆମର ଶିକ୍ଷା, ସମୃଦ୍ଧି, ପ୍ରତିଭା, ପ୍ରଭାବ ଆଦିର ନ୍ୟୁନତମ ଉପଯୋଗ କରି ବାକି ସବୁର ଅଧିକାଧିକ ଉପଯୋଗ ଜନକଲ୍ୟାଣ ନିମନ୍ତେ କରିବା ଆବଶ୍ୟକ ।

ଯେଉଁ ବସ୍ତୁ ଅଗ୍ନିର ସମ୍ପର୍କରେ ଆସେ, ତାହାକୁ ସେ ତିରସ୍କାର କରେ ନାହିଁ, ବରଂ ନିଜ ମଧରେ ସାମିଲ କରିନେଇ ନିଜ ଅନୁରୂପ କରିଦିଏ । ଏହିପରି ଆମ ସମ୍ପର୍କରେ ଯେଉଁମାନେ ବି ପଛୁଆ, ଛୋଟ ବା ପୀଡିତ ବ୍ୟକ୍ତି ଆସିବେ, ସେମାନଙ୍କୁ ନିଜ ସହିତ ଯୋଡି ନିଜର ଭଳି କରିବାର ପ୍ରୟାସ ଆମ ଭିତରୁ ପ୍ରତ୍ୟେକ ବ୍ୟକ୍ତି କରିବା ଉଚିତ ।

ଅଗ୍ନିର ଶିଖା ଉପରେ ଯେତେ ଚାପ ପଡିଲେ ବି ତାହା ଦବିଯାଏ ନାହିଁ, ବରଂ ଉପରକୁ ଉଠିଥାଏ । ଏହିପରି ଆମ ସାମନାରେ ଯେତେ ଭୟ, ପ୍ରଲୋଭନ ଓ ବିଷମ ପରିସ୍ଥିତି ଆସିଲେ ମଧ ଆମେ ନିଜର ମନୋବଳ, ସଂକଳ୍ପ ଓ ଜୀଜୀବିଷାକୁ ଚାପି ଦେବା ଅନୁଚିତ, ବରଂ ଅଗ୍ନିଶିଖା ଭଳି ଉଚ୍ଚକୁ ଉଠାଇ ରଖିବା ଦରକାର ।

ଅଗ୍ନି ଜୀବନ୍ତ ଥିବା ପର୍ଯ୍ୟନ୍ତ ନିଜର ଉଷ୍ମତା ଓ ପ୍ରକାଶର ବିଶେଷତା ଛାଡେ ନାହିଁ । ସେହିପରି ଆମେ ସର୍ବଦା ପୁରୁଷାର୍ଥ ପରାୟଣ ଏବଂ କର୍ତ୍ତବ୍ୟନିଷ୍ଠ ଜୀବନଯାପନ କରିବା ଦରକାର ଏବଂ ନିଜ ସକ୍ରିୟତାର ଉଷ୍ମତା ତଥା ଧର୍ମପରାୟଣତାର ପ୍ରକାଶ ହ୍ରାସ ହେବାକୁ ଦେବା ଅନୁଚିତ ।

ଯଜ୍ଞାଗ୍ନିରେ ଆହୁତ ସାମଗ୍ରୀ ଶେଷରେ ଯଜ୍ଞ ଭସ୍ମ ରୂପେ ବଳକା ରହେ । ଏହାକୁ ମସ୍ତକରେ ଗାଇ ଆମେ ଭାବନା କରିବା ଯେ ମାନବ ଶରୀରର ଅନ୍ତ ମୁଠାଏ ଭସ୍ମ ରୂପେ ହେବା ନିଶ୍ଚିତ । ଏପରି ସ୍ଥିତିରେ ଜୀବନର ଏହି ନଶ୍ୱର ସତ୍ୟକୁ ଧ୍ୟାନରେ ରଖି, ନିଜର ବାକି ଜୀବନର ଶ୍ରେଷ୍ଠତମ ଉପଯୋଗ ହେତୁ ପ୍ରଯତ୍ନ କରିବା ଆବଶ୍ୟକ ।

ଯଜ୍ଞାଗ୍ନି ନିଜ ମଧରେ ଆହୁତି ଦିଆଯାଇଥିବା ସାମଗ୍ରୀକୁ ବାୟୁରୂପ କରି ସମସ୍ତ ଜଡ଼ ଚେତନ ପ୍ରାଣୀଙ୍କୁ ନିଜ ପର, ମିତ୍ର ଶତ୍ରୁ ଆଦି ବିନା କୌଣସି ଭେଦରେ ଗୁପ୍ତଦାନ ରୂପେ ବାଣ୍ଟିଦିଏ, ଯାହା ସ୍ୱୟଂ ଏକ ବିଲକ୍ଷଣ ଶିକ୍ଷଣ ଅଟେ । ଏହିପରି ଆମର ଜୀବନ ମଧ ସମସ୍ତ ପ୍ରାଣୀଙ୍କ ସକାଶେ ଏକ ବରଦାନ ସ୍ୱରୂପ ହେବା ଆବଶ୍ୟକ । ନିଜର ସମ୍ବଳ, ଉପଲବ୍ଧି ଓ ଜ୍ଞାନକୁ ଆମେ ମୁକ୍ତ ହସ୍ତରେ ଲୋକକଲ୍ୟାଣରେ ଲଗାଇବାର ପ୍ରେରଣା ଯଜ୍ଞାଗ୍ନିରୁ ଗ୍ରହଣ କରିବା ଉଚିତ ।

ଏହିପରି ଯଜ୍ଞ ସ୍ୱୟଂ ପ୍ରଚଣ୍ଡ ପ୍ରେରଣାଗୁଡିକରେ ପରିପୂର୍ଣ୍ଣ ଏକ ଆଧାତ୍ମିକ ପ୍ରୟୋଗ, ଯାହାକୁ ଉଚିତ ବିଧିରେ ସମ୍ପନ୍ନ କରାଗଲେ ଏହାର କର୍ମକାଣ୍ଡ ଦ୍ୱାରା ଦେବ ଆବହନ, ମନ୍ତ୍ର ପ୍ରୟୋଗ, ସଂକଳ୍ପ ଏବଂ ସଦଭାବନା ଗୁଡିକର ସାମୂହିକ ଶକ୍ତିରେ ଏଭଳି ଏକ ସଶକ୍ତି ଉର୍ଜାଃ ଉତ୍ପନ୍ନ ହୋଇଥାଏ, ଯାହା ଦ୍ୱାରା ମନୁଷ୍ୟର ଅନ୍ତଃବୃତ୍ତିଗୁଡିକୁ ବିଗଳିତ କରି ଇଚ୍ଛିତ ସ୍ୱରୂପରେ ଢ଼ଳା ଯାଇପାରେ । ଅଂଶ ଗ୍ରହଣକାରୀଙ୍କ ମଧରେ ବାଞ୍ଛିତ, ହିତକାରୀ ପରିବର୍ତ୍ତନ ବ୍ୟାପକ ମାତ୍ରାରେ କରାଯାଇପାରେ । ଏହିପରି ଯଜ୍ଞ ବ୍ୟକ୍ତିତ୍ୱ ରୂପାନ୍ତରଣର ଏକ ଗଭୀର ମନୋଆଧାତ୍ମିକ ପ୍ରୟୋଗ, ଯଦ୍ୱାରା ମନୁଷ୍ୟର ପ୍ରସୁପ୍ତ ଦେବତ୍ୱ ଜାଗରଣର ପ୍ରୟୋଜନ ସିଦ୍ଧ ହୋଇଥାଏ । ତା ସହିତ ଏହା ଦ୍ୱାରା ପରିବାରରେ ସଂସ୍କାରଗୁଡିକର ରୋପଣ କରାଯାଇପାରେ ତଥା ସମାଜ ନିର୍ମାଣ ଏବଂ ବାତାବରଣର ସୂକ୍ଷ୍ମ ପରିଷ୍କାରର ପ୍ରୟୋଜନ ସିଦ୍ଧ କରାଯାଇପାରେ । ଏହିପରି ଯଜ୍ଞ ଏକ ସମଗ୍ର ଜୀବନ ଦର୍ଶନ, ଯାହା ସଶକ୍ତ ପ୍ରେରଣା ପ୍ରବାହ ଧାରଣ କରିଥାଏ । ଯଜ୍ଞକୁ ଜୀବନର ଅଭିନ୍ନ ଅଙ୍ଗ କରି ଆମେ ଆମ ବ୍ୟକ୍ତିତ୍ୱ ରୂପାନ୍ତରଣର ଗହନ ପ୍ରୟୋଗ ସମ୍ପନ୍ନ କରି ପାରିବା ତଥା ଅନ୍ୟମାନଙ୍କୁ ଏଥିପାଇଁ ପ୍ରେରିତ କରି ପରିବାର, ସମାଜ, ପ୍ରକୃତି ଓ ସକଳ ସୃଷ୍ଟିର ହିତ ସାଧନର ମାଧ୍ୟମ ହୋଇ ପାରିବା ।

# ଆଧାତ୍ମିକ ସମ୍ଭାବନାଗୁଡିକର ଅନାବରଣର ବିଜ୍ଞାନ

**ଆ**ଧାତ୍ମ ଆମର ସ୍ୱଭାବ ସହିତ ଜଡିତ ବିଦ୍ୟା ଅଟେ । ସ୍ୱ ପ୍ରତି ଆମର ମୂଳ ଭାବ କ'ଣ, ଏହି ଅନୁରୂପ ଆମର ବିଚାର ଓ ବ୍ୟବହାରର ସ୍ୱରୂପ ନିର୍ଦ୍ଧାରିତ ହୋଇଥାଏ । ମାନବ ପ୍ରକୃତିର ମର୍ମଜ୍ଞ ଋଷିମାନଙ୍କ ଅନୁସାରେ ଆମର ମୂଳ ପ୍ରକୃତି ହେଉଛି ବିଶିଷ୍ଟ, ବିଲକ୍ଷଣ ଓ ଦିବ୍ୟ, ଯାହାର ଅନାବରଣ ଅଧାତ୍ମ ମାର୍ଗରେ ବଢ଼ିଲେ ହୋଇଥାଏ । ଏହାର ଶୁଭାରମ୍ଭ ଜୀବନର ମୂଳ ସ୍ୱରୂପ ପ୍ରତି ଜିଜ୍ଞାସା ଭାବ ଏବଂ ଏହାର ଆତ୍ୟନ୍ତିକ ଅନ୍ୱେଷଣ ସହିତ ହୋଇଥାଏ ।

ଏହି ମାନବୀୟ ପ୍ରକୃତିର ଅନ୍ୱେଷଣ ତ ଆଧୁନିକ ମନୋବିଜ୍ଞାନ ବି କରିଥାଏ, ଯାହା କ୍ରମଶଃ ବ୍ୟବହାରର ଅଧ୍ୟୟନରୁ ପ୍ରାରମ୍ଭ କରି ମନର ଅଚେତନ ଗଭୀରତାର ବିଶ୍ଳେଷଣ ପର୍ଯ୍ୟନ୍ତ ପହଞ୍ଚି ଥାଏ । ଯେଉଁଠାରୁ ଆଗକୁ ପୁଣି ମାନବୀୟ ମନର ମାନବୀୟ ଓ ସକାରାତ୍ମକ ପକ୍ଷଗୁଡିକୁ ପ୍ରକାଶିତ କରି ମାନବ ପ୍ରକୃତିର ଆଧାତ୍ମିକ ସମ୍ଭାବନାଗୁଡିକ ଦିଗରେ ବଢ଼ିଥାଏ ।

ମାନବୀୟ ପ୍ରକୃତିର ଦିବ୍ୟ ସ୍ୱରୂପ ପ୍ରତି ଆମର ଭୌତିକବାଦୀ ସଂଶୟ କାରଣରୁ ଏହାର ପାଦ ଅଟକିଯାଏ, ଯେତେବେଳେ କି ଅଧାତ୍ମ କ୍ଷେତ୍ରର ପ୍ରାରମ୍ଭ ହିଁ ଏହି ଧାରଣା ସହିତ ହୋଇଥାଏ ଯେ ମାନବୀୟ ପ୍ରକୃତି ମୂଳତଃ ଦୈବୀୟ ଅଟେ । ଏହିପରି ଅଧାତ୍ମ ଜୀବନର ପରମ ସତ୍ୟକୁ ବ୍ୟକ୍ତିତ୍ୱର କେନ୍ଦ୍ରରେ ରଖି 'ସ୍ୱ'ର ଅନାବରଣ ପଥରେ ଆଗକୁ ବଢ଼ିଥାଏ । ଏଠାରେ ପ୍ରଶ୍ନ କେବଳ ମନର ପରସ୍ତଗୁଡିକୁ ଜାଣିବା ନୁହେଁ, ବରଂ ନିଜର ମୂଳ ସ୍ୱରୂପ ଦିଗରେ ଅଗ୍ରସର ହୋଇ ମନର ଅନ୍ଧାର କୋଣର ରୂପାନ୍ତରଣ ବି ଏହାର ଉଦ୍ଦେଶ୍ୟ ହୋଇଥାଏ । ଏଣୁ ଅଧାତ୍ମ ଏଠାରେ କେବଳ ଜିଜ୍ଞାସା, ଅନ୍ୱେଷଣ ବା ଚର୍ଚ୍ଚାର ବିଷୟ ମାତ୍ର ନୁହେଁ, ବରଂ ଜୀବନଯାପନର ପଦ୍ଧତି, ଅସ୍ତିତ୍ୱର ବିଜ୍ଞାନ ତଥା ନିଜର ମୂଳସ୍ୱରୂପରେ ପ୍ରତିଷ୍ଠିତ ହେବାର ପ୍ରକ୍ରିୟା ହୋଇଯାଏ ।

ଧନ୍ୟ ସେହି ମୁମୁକ୍ଷୁ ଜୀବାତ୍ମାମାନେ, ଯେଉଁମାନେ ନିଜର ସ୍ୱଭାବ, ନିଜର ପ୍ରକୃତିର ଭବ୍ୟତମ, ଦିବ୍ୟତମ ସ୍ୱରୂପକୁ ଜାଣିବା ଓ ମୂର୍ତ୍ତ ରୂପ ଦେବାର ପ୍ରକ୍ରିୟାରେ ସଚେଷ୍ଟ, ଗତିଶୀଳ ଅଟନ୍ତି । ମାନବ ଜୀବନକୁ ପାଇ ଏହି ଚେଷ୍ଟା କରିବାକୁ ପ୍ରଥମ ସୌଭାଗ୍ୟ ମନେ କରାଯାଏ, କାରଣ ଏହା ପରେ କ୍ରମିକ ରୂପେ ଜୀବନ ସମ୍ପୂର୍ଣ୍ଣ ସମାଧାନର ମହାଯାତ୍ରାରେ ଆଗକୁ ବଢ଼ିଥାଏ । ଅବଶ୍ୟ ଏହାର ପ୍ରାରମ୍ଭିକ ଯାତ୍ରା ବର୍ତ୍ତମାନର ଅନ୍ଧକାର, ତପସ, ନଶ୍ୱର ଓ ପରିବର୍ତ୍ତନଶୀଳ ସତ୍ୟ ମଧ ଦେଇ ଆଗକୁ ବଢ଼ିଥାଏ, ଯେଉଁଠି ବ୍ୟକ୍ତି ଠିଆ ହୋଇଥାଏ, କିନ୍ତୁ ଏହା କ୍ରମଶଃ ପରମ ସତ୍ୟ, ପ୍ରକାଶ, ଶାଶ୍ୱତ ଜୀବନ ଦିଗରେ ବଢ଼ିଥାଏ, ଯେଉଁଠି ଶେଷରେ ଜୀବନର ସକଳ ଦୁଃଖ, ଦ୍ୱିଧା ଓ ଦ୍ୱନ୍ଦ୍ୱର ବିଲୋପ ହୋଇଥାଏ ।

ତେଣୁକରି ଅଧାତ୍ମ ପଥର ପଥିକ ନିମନ୍ତେ ଜୀବନର ଭୌତିକ ସଫଳତା, ବିଭୂତି, ଧନ, ଐଶ୍ୱର୍ଯ୍ୟ, ପଦ, ପ୍ରତିଷ୍ଠା ଆଦିର ଅଧିକ କିଛି ଅର୍ଥ ନ ଥାଏ । ଏସବୁ ଏହି ଯାତ୍ରାର ସାମୟିକ ରହଣି ସ୍ଥଳ ମାତ୍ର ହୋଇପାରେ, ଅନ୍ତିମ ଧେୟ ନୁହେଁ । ଏହିପରି ଜୀବନର ଦୁଃଖ, କଷ୍ଟ, ଅପମାନ, ପୀଡା ଆଦି ଆତ୍ମୋତ୍କର୍ଷର ଶିଡି ହୋଇଯାଏ । ଏହି ପ୍ରକ୍ରିୟାରେ ଜଣେ ଅଭୀପସୁ ସକାଶେ ଆଧାତ୍ମିକ ମହାପୁରୁଷମାନଙ୍କ ସାନ୍ନିଧ ଜୀବନର ଦ୍ୱିତୀୟ ବଡ଼ ଘଟଣା ହୋଇଥାଏ, ଯେଉଁଠି ଗୁରୁଙ୍କ ସାନ୍ନିଧରେ ସେ ଈଶ୍ୱରଙ୍କ ଦିବ୍ୟ ସତ୍ତାକୁ ବୁଝିବାର ଅଭ୍ୟାସ କରିଥାଏ, ଯାହାର ପ୍ରକାଶରେ ପୁନଶ୍ଚ ତା'ର ନିଜ ଆଧାତ୍ମିକ ସ୍ୱରୂପର କ୍ରମିକ ରୂପେ ଉଦଘାଟନ ହୋଇଥାଏ ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧନା



ସମ୍ବଲପୁର : ସ୍ଥାନୀୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜିଲ୍ଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ସାଂପ୍ରତିକ ସମୟରେ କଂଗ୍ରେସର ଆବଶ୍ୟକତା' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ଚକ୍ର ସହ ଦଳରେ ବହୁ ନୂଆ ସଦସ୍ୟ ଯୋଗ ଦେଇଥିଲେ । ଏଥିସହ ୩ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରର ଦାୟାଦଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି । ଆଲୋଚନାଚକ୍ରରେ ଶ୍ରୀ ଗୁରୁ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ନିରଞ୍ଜନ ତ୍ରିପାଠୀ, ସଙ୍ଗୀତା ଦେହୁରୀ, ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ଅଂଶ ଗ୍ରହଣ କରି ଦଳର ଇତିହାସ ଉପରେ ସ୍ମୃତିଚାରଣ କରିଥିଲେ । ଏ ଅବସରରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୃସିଂହ ଗୁରୁଙ୍କ ପରିବାରରୁ ତାଙ୍କ ନାତି ବାମନ ଚରଣ ଗୁରୁ, ସ୍ୱର୍ଗତ ଚନ୍ଦ୍ରଶେଖର ବେହେରାଙ୍କ ପଣନାତି ଦେବଦତ୍ତ ବେହେରା ଏବଂ ସ୍ୱର୍ଗତ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ କନ୍ୟା ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ରଙ୍କୁ ଦଳ ପକ୍ଷରୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଫେସର ସଂଘମିତ୍ରା ମିଶ୍ର ଶାରୀରିକ ଅସୁସ୍ଥତା କାରଣରୁ ଆସି ନ ପାରିବାରୁ ଏକ ପ୍ରତିନିଧି ଦଳ ତାଙ୍କ ଘରକୁ ଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଯୁବନେତା ଅମିତ କୁମାର ଗୁରୁ ଏବଂ ରାହୁଲ ଶର୍ମାଙ୍କ ନେତୃତ୍ୱରେ ବୁର୍ଲା, ବରେଇପାଲିର ଓ ସୁନାପାଲି ଅଞ୍ଚଳର ବହୁ ଯୁବ ସଦସ୍ୟ ଦଳରେ ଯୋଗ ଦେଇଥିବା ପ୍ରକାଶ ।

## କରୋନା ଯୋଦ୍ଧାଙ୍କ ପରିବାରକୁ ସହାୟତା

ସୁନ୍ଦରଗଡ଼ : ସୁନ୍ଦରଗଡ଼ ଜିଲ୍ଲାର ଦୁଇ କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇ ସେମାନଙ୍କ ପରିବାରକୁ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ୫୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି । ଏହି ଦୁଇ କରୋନା ଯୋଦ୍ଧା ହେଲେ ପୋଲିସ କର୍ମଚାରୀ ନାରାୟଣ ଚନ୍ଦ୍ର ସେଠୀ ଓ ରାଉରକେଲା ପୌର ନିଗମର ଇଲେକ୍ଟ୍ରିସିଆନ ସୁରେନ୍ଦ୍ର କୁମାର ନାଏକ । ଏମାନେ କରୋନା ଯୁଦ୍ଧରେ ଶହୀଦ ହୋଇଥିବାରୁ ତାଙ୍କ ପରିବାରବର୍ଗଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି । ଜିଲ୍ଲାପାଳ ଏହି ସହାୟତା ରାଶି ତାଙ୍କ କାର୍ଯ୍ୟାଳୟରେ ନାରାୟଣଙ୍କ ଧର୍ମପତ୍ନୀ ଜୟନ୍ତୀ ସେଠୀ ଓ ସୁରେନ୍ଦ୍ରଙ୍କ ଧର୍ମପତ୍ନୀ ମନସା ନାଏକଙ୍କୁ ଚେକ ଆକାରରେ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ପୂର୍ବରୁ ସୁନ୍ଦରଗଡ଼ର ଅନ୍ୟ ଦୁଇ ପୋଲିସ କର୍ମଚାରୀ ଶ୍ରୀମନ୍ତ କୁମାର ପାତ୍ର ଓ ବେଲହାମ ମିଞ୍ଜ କରୋନା ଯୁଦ୍ଧରେ ଶହୀଦ ହୋଇଥିଲେ । ସେମାନଙ୍କ ପରିବାରକୁ ମଧ ଜିଲ୍ଲା ପ୍ରଶାସନ ପକ୍ଷରୁ ୫୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି ।

## ମୋଦି ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା: ସର୍ଭେ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ବୋଲି ଆମେରିକାର ମର୍ଣ୍ଣିଂ କନସଲ୍ଟ ସର୍ଭେ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି । ୭୫ ପ୍ରତିଶତ ଲୋକେ ମୋଦିଙ୍କୁ ପସନ୍ଦ କରିଥିବା ବେଳେ ୨୦ ପ୍ରତିଶତ ନାପସନ୍ଦ କରିଛନ୍ତି । ସର୍ଭେରେ ତାଙ୍କୁ ୫୫ ରେଟିଂ ମିଳିଛି । ବିଭିନ୍ନ ପ୍ରସଙ୍ଗରେ ଦକ୍ଷତା ପ୍ରଦର୍ଶନ ଓ କୋଭିଡ୍ -୧୯ ପରିସ୍ଥିତି ସୁପରିଚାଳନା ପାଇଁ ପ୍ରଧାନମନ୍ତ୍ରୀ ପୁଣି ଥରେ ଲୋକପ୍ରିୟ ହୋଇ ପାରିଛନ୍ତି । ୧୩ ଟି ଦେଶର ନେତାଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା ।

## ସୁନ୍ଦରଗଡ଼ ପୌର ନିର୍ବାହୀ ଅଧିକାରୀ ଗିରଫ

ସୁନ୍ଦରଗଡ଼ : ପୌର କର୍ମଚାରୀଙ୍କ ୟୁନିଫର୍ମ ବିଲ୍ ମଞ୍ଜୁର ପାଇଁ ଜଣେ ଦରଜିଙ୍କ ଠାରୁ ୧୫ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ସୁନ୍ଦରଗଡ଼ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କଠାରୁ ରାସାୟନିକ ପ୍ରଲେପ ଦିଆ ଏହି ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗତ ୨୦୧୭ ମସିହାରୁ ଝାରସୁଗୁଡ଼ାର ସାଇନ୍ ଟେଲରର ପ୍ରୋପ୍ରାଇଟର ସୟଦ ହକ୍ ସୁନ୍ଦରଗଡ଼ ପୌରପାଳିକାକୁ ସଫେଇ କର୍ମଚାରୀ ଓ ଅନ୍ୟ କର୍ମଚାରୀଙ୍କ ସକାଶେ ୧ ଲକ୍ଷ ୭୭ ହଜାର ଟଙ୍କାର ମୂଲ୍ୟର ୟୁନିଫର୍ମ ଦେଇଥିଲେ । ହେଲେ ଦୀର୍ଘ ଦିନଧରି ତାଙ୍କର ବିଲ୍ ମଞ୍ଜୁର ହେଉ ନ ଥିଲା । ନିର୍ବାହୀ ଅଧିକାରୀ ମିଶ୍ର ଏହି ବିଲ୍ ମଞ୍ଜୁର ସକାଶେ ତାଙ୍କଠାରୁ ୧୫ ହଜାର ଟଙ୍କା ଦାବି କରି ଆସୁଥିଲେ । ଏ ସମ୍ପର୍କରେ ଟେଲର ମାଷ୍ଟର ରାଉରକେଲା ଭିଜିଲାନ୍ସ ଥାନାରେ ରିପୋର୍ଟ କରିଥିଲେ । ରିପୋର୍ଟ ପରେ ରାଉରକେଲା ଭିଜିଲାନ୍ସ ଏସ୍.ପି ସୁବାସ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏକ ମାମଲା ରୁଜୁ କରାଯାଇଥିଲା । ଯୋଜନା ମୁତାବକ ସୁନ୍ଦରଗଡ଼ ପୌରପାଳିକା କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ (ଇଓ) ଟେଲର ମାଷ୍ଟରଙ୍କ ଠାରୁ ୧୫ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରି ଟଙ୍କା ଜବତ କରିଥିଲେ । ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସପି ବୀରେନ୍ଦ୍ର କୁମାର ନାଏକଙ୍କ ନେତୃତ୍ୱରେ ଇନ୍ସପେକ୍ଟର ସୁଧାଂଶୁ ଶେଖର ପୂଜାରୀ, ଝାରସୁଗୁଡ଼ା ଇନ୍ସପେକ୍ଟର ପି.କେ. ଆଇନ୍ଦ, ଦେବଗଡ଼ ଇନ୍ସପେକ୍ଟର ଯୋଗେଶ କୁମାର ପଟେଲ ଓ ରାଉରକେଲା ଇନ୍ସପେକ୍ଟର ସୁଧୀର ସାହୁ ପ୍ରମୁଖ ଏହି ଚଢ଼ାଉରେ ଅଂଶ ଗ୍ରହଣ କରିଥିଲେ ।

## ବିଟିଏମ୍ ଫାଣ୍ଡି ହେଲା ସଦର ଥାନା

ଝାରସୁଗୁଡ଼ା : ବିଟିଏମ୍ ଫାଣ୍ଡି ଝାରସୁଗୁଡ଼ା ସଦର ଥାନାର ମାନ୍ୟତା ପାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂରେ ଏହି ଥାନାର ଉଦ୍‌ଘାଟନ କରିଛନ୍ତି । ଏ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ସମ୍ବଲପୁର ଆଇଜି ନରସିଂହ ଭୋଳ, ଜିଲ୍ଲାପାଳ ସରୋଜ କୁମାର ସାମଲ, ଝାରସୁଗୁଡ଼ା ଏସ୍‌ପି ରାହୁଲ ପିଆରଙ୍କ ସମେତ ଜନ ପ୍ରତିନିଧି ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ ।

ଝାରସୁଗୁଡ଼ା ଜିଲ୍ଲାରେ ଥାନା ସଂଖ୍ୟା ୧୧କୁ ବୃଦ୍ଧି ପାଇଛି । ଭାସ୍କର ସୂତାକଳ ପ୍ରତିଷ୍ଠା ସମୟରୁ ଝାରସୁଗୁଡ଼ା ଥାନା ଅଧୀନରେ ଏଠାରେ ବିଟିଏମ୍ ଫାଣ୍ଡି ରହିଥିଲା । ଏହି ଶିଳ୍ପ ସହର କାୟା ବିସ୍ତାର କରିବା ସହ ଜନସଂଖ୍ୟାରେ ଅଭିବୃଦ୍ଧି ଯୋଗୁଁ ବିଟିଏମ୍ ଫାଣ୍ଡିକୁ ଥାନାରେ ପରିଣତ କରିବା ଲାଗି ବହୁ ଦିନରୁ ସରକାରଙ୍କ ନିକଟରେ ଜିଲ୍ଲା ପୁଲିସ୍ ପକ୍ଷରୁ ପ୍ରସ୍ତାବ ରହିଥିଲା । ମାତ୍ର କିଛି ମାସ ଆଗରୁ ଏହି ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀ ମୋହର ଲଗାଇବା ସହ ଆଇନଶୃଙ୍ଖଳା ସ୍ଥିତି ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଂଖ୍ୟକ ପୁଲିସ୍ ଅଧିକାରୀ ଓ କର୍ମଚାରୀ ଯୋଗାଇବାକୁ ଘୋଷଣା କରିଥିଲେ । ଝାରସୁଗୁଡ଼ା ଥାନା ଏଣିକି ଟାଉନ ଥାନା ଭାବେ ଜଣାଯିବ । ଏହି ଥାନା ଅଧୀନରେ ପୂର୍ବରୁ ଥିବା କେତେକ ଅଞ୍ଚଳକୁ ସଦର ଥାନା ଅନ୍ତର୍ଭୁକ୍ତ କରାଇଛି । ଯେଉଁଥିରେ କବରସ୍ତାନପଡ଼ା, ତେଲିଭଟା, ଜମେରା, ମରାକୁଟା, ପୁଡ଼ାପାଲି, ସାରସମାଲ, କଲ୍ପ କଲୋନିରୁ ବେହେରାମାଲ କିଶାନ ଛକ, ସାରସମାଲ, କଲ୍ପ କଲୋନିରୁ ବେହେରାମାଲ କିଶାନ ଛକ ପର୍ଯ୍ୟନ୍ତ ଏହି ନୂତନ ସଦର ଥାନା ଅଧୀନରେ ରହିବ । ସଦର ଥାନା ହୋଇଥିବା ବିଟିଏମ ଫାଣ୍ଡି ୧୯୬୮ ମସିହାରେ ବିଟ୍ ହାଉସ୍ ହୋଇଥିବା ବେଳେ ୧୯୮୫ରେ ଫାଣ୍ଡି ହୋଇଥିଲା ।

## ହକି କିମ୍ବଦନ୍ତୀ ମାଇକେଲ କିଣ୍ଡୋଙ୍କ ପରଲୋକ



ରାଉରକେଲା : ଭାରତୀୟ ହକିର କିମ୍ବଦନ୍ତୀ ପୁରୁଷ ମାଇକେଲ କିଣ୍ଡୋଙ୍କର ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା । ୧୯୪୭ ଜୁନ୍ ୨୦ରେ ଝାଡଖଣ୍ଡର ସିମଡେଗାରେ ଜନ୍ମ ଗ୍ରହଣ କରିଥିଲେ ହେଁ ଜୀବନର ଅଧିକାଂଶ ସମୟ ଓଡ଼ିଶାରେ କଟାଇଥିଲେ ଏବଂ ଓଡ଼ିଶା ପାଇଁ ଖେଳିଥିଲେ । ଶେଷ ପର୍ଯ୍ୟନ୍ତ ସେ ରାଉରକେଲାରେ ବସବାସ କରୁଥିଲେ । ଜଣେ ଦକ୍ଷ ଫୁଲବ୍ୟାକ୍ ଭାବେ ସେ ଭାରତୀୟ ହକିର ଅଭେଦ୍ୟ ପ୍ରାଚୀର ଭାବେ ଓ ସର୍ଭିସେସ ପାଇଁ ହକି ଖେଳିଥିଲେ । କିଣ୍ଡୋ ଭାରତ ପକ୍ଷରୁ ୩ ଟି ବିଶ୍ୱକପ ଏବଂ ଗୋଟିଏ ଅଲିମ୍ପିକ ଖେଳିବାର ଗୌରବ ଅର୍ଜନ କରିଥିଲେ । ଅଜିତ ପାଲ ସିଂ, ଏମ୍.ପି ଗଣେଶ, ହରବିନ୍ଦର ସିଂଙ୍କ ପରି ଭାରତୀୟ ହକିର ଅନ୍ୟତମ ଦିଗଗଜ ଖେଳାଳିଙ୍କ ସମସାମୟିକ ଥିଲେ ମାଇକେଲ । ୧୯୭୫ ରେ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ । ଏହା ବ୍ୟତୀତ ୧୯୭୩ ଆମଷ୍ଟରଡାମ ବିଶ୍ୱକପରେ ରୌପ୍ୟ ଏବଂ ୧୯୭୧ ମାର୍ସିଲୋନା ବିଶ୍ୱକପରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳ ପକ୍ଷରୁ ମଧ ସେ ଖେଳିଥିଲେ । ୧୯୭୨ ମ୍ୟୁନିଚ୍ ଅଲିମ୍ପିକ୍ସରେ ଭାରତର ବ୍ରୋଞ୍ଜ ପଦକ ବିଜୟରେ କିଣ୍ଡୋଙ୍କ ଅବଦାନ ଅନେକ ରହିଥିଲା । ସେ ଗ୍ରେଟ୍ ବ୍ରିଟେନ, ମେକ୍ସିକୋ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ଗୋଲ ମଧ ଦେଇଥିଲେ । ଏହି ପ୍ରଦର୍ଶନକୁ ଦୃଷ୍ଟିରେ ରଖି ୧୯୭୨ ରେ ଭାରତ ସରକାର ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରିଥିଲେ । ଜୟପାଲ ସିଂଙ୍କ ପରେ ଦ୍ୱିତୀୟ ଆଦିବାସୀ ଖେଳାଳି ଭାବେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ମାଇକେଲ । ମାତ୍ର ପ୍ରଥମ ଆଦିବାସୀ ହକିଖେଳାଳିଭାବେ ସେ ଅର୍ଜୁନ ପୁରସ୍କାର ପାଇଥିଲେ । ୧୯୭୫ ବିଶ୍ୱକପରେ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଭାବେ କିଣ୍ଡୋଙ୍କୁ ହକି ଇଣ୍ଡିଆ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

### Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଆଇଆଇଏମ ସମ୍ବଲପୁର ସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ







ବୁର୍ଲା : ସମ୍ବଲପୁର ଲୋକାଲ୍‌କୁ ଭୋକାଲ୍ କରିବା ଦାୟିତ୍ୱ ଆଇଆଇଏମ ସମ୍ବଲପୁରର ଛାତ୍ରଛାତ୍ରୀଙ୍କୁ ନେବାକୁ ହେବ । ଆଞ୍ଚଳିକ ଓ ଗ୍ଲୋବାଲ୍ ଉତ୍ପାଦ ମଧ୍ୟରେ ଏହି ଅନୁଷ୍ଠାନ ଏକ ସେତୁ ଭଳି କାମ କରୁ ବୋଲି ସମ୍ବଲପୁର ସହର ଉପକଣ୍ଠ ବସନ୍ତପୁର ଠାରେ ଆଇଆଇଏମ, ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି । ଭର୍ଚୁଆଲ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ ସମାରୋହରେ ସାମିଲ ହୋଇ ବିଶାଳ କ୍ୟାମ୍ପସ ପାଇଁ ଶୁଭ ଦେଇଛନ୍ତି । ଆଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲଙ୍କ ପରିଚାଳନାରେ ଅନୁଷ୍ଠିତ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିଅମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଡ. ରମେଶ ପୋଖରିଆଲ ନିଶଙ୍କ ପ୍ରମୁଖ ଭର୍ଚୁଆଲ ମାଧ୍ୟମରେ ବକ୍ତବ୍ୟ ରଖିଥିବା ବେଳେ ଆଇଆଇଏମ ସମ୍ବଲପୁର ବୋର୍ଡ ଅଧ୍ୟକ୍ଷା ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଭର୍ଚୁଆଲ ମାଧ୍ୟମରେ ସ୍ୱାଗତ ଭାଷଣ ଦେଇଥିଲେ । କେନ୍ଦ୍ର ଏମଏସଏମଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସମ୍ବଲପୁର ସାଂସଦ ନୀତେଶ ଗଙ୍ଗଦେବ ସମାରୋହରେ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ । ସମାରୋହରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ରେଙ୍ଗାଲି ବିଧାୟକ ନାଉରୀ ଚନ୍ଦ୍ର ନାୟକ ମଧ ମଞ୍ଚାସୀନ ଥିଲେ ।

## ଝାରସୁଗୁଡ଼ାରେ ଯୋଗ ଦେଲେ ନୂଆ ଏସ୍.ପି



ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲାରେ ନୂତନ ଏସ୍.ପି ଭାବେ ବିକାଶ ଚନ୍ଦ୍ର ଦାସ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ଭଦ୍ରକ ଜିଲ୍ଲାରେ ଅତିରିକ୍ତ ଏସ୍.ପି ଭାବେ କାର୍ଯ୍ୟ କରୁଥିଲେ । ଝାରସୁଗୁଡ଼ା ଏସ୍.ପି ରାହୁଲ ପି.ଆର ଯାଜପୁର ଏସ୍.ପି ଭାବେ ବଦଳି ହୋଇଛି ।

## ସମ୍ବଲପୁର ରୋଟାରି କ୍ଲବର ପ୍ରତିଷ୍ଠା ଦିବସ



ସମ୍ବଲପୁର : ସମ୍ବଲପୁର ରୋଟାରୀ କ୍ଲବର ୫୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ୩୨୬୧ ରୋଟାରୀ ଡିଷ୍ଟ୍ରିକଟ ଗଭର୍ଣ୍ଣର ଫକୀର ଚରଣ ମହାନ୍ତି ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଉତ୍ସବରେ କ୍ଲବର ବିଦାୟୀ ସଭାପତି ଅଶୋକ ଶତପଥି ଏବଂ ସମ୍ପାଦକ ଚିନ୍ମୟ ଶତପଥି ନୂତନ ନିର୍ବାଚିତ ସଭାପତି ରଶ୍ମିରଞ୍ଜନ ମହାପାତ୍ର ଏବଂ ସମ୍ପାଦିକା ଆଲେଖିକା ପାଣିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ସମାଜସେବା ତଥା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬ ଜଣଙ୍କୁ ରୋଟାରୀ କ୍ଲବ ପକ୍ଷରୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା । ଏହାଛଡ଼ା ସହରର ବିଭିନ୍ନ ସ୍ଥାନରେ ରହୁଥିବା ୫୦ ଜଣଙ୍କୁ କ୍ଲବ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା ।

## ପିଙ୍କସିଟିରେ ପ୍ରାମାଣିକ ଚଳଚିତ୍ର 'ଦ ଡିଭାଇନ୍ ଡକ୍ଟର୍'

ସମ୍ବଲପୁର: ଗୀତାଞ୍ଜଳି ପ୍ରଡକ୍ସନ ବେନରରେ ନିର୍ମିତ ତଥା ଗୌତମ ମିଶ୍ରଙ୍କ ଦ୍ୱିତୀୟ ପ୍ରାମାଣିକ ଚଳଚିତ୍ର 'ଦ ଡିଭାଇନ୍ ଡକ୍ଟର୍' ୧୩ତମ ଜୟପୁର ଆନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବା ପାଇଁ ମନୋନିତ ହୋଇଛି । ଆଗାମୀ ଜାନୁଆରୀ ୧୫ ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ଚଳଚିତ୍ର ମହୋତ୍ସବ ଅନୁଷ୍ଠିତ ହେବ । କୋଭିଡ କଟକଣା ଯୋଗୁଁ କିଛି କାର୍ଯ୍ୟକ୍ରମ ଅନଲାଇନ ମାଧ୍ୟମରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି । ଏହି ଚଳଚିତ୍ର ମହୋତ୍ସବ ପାଇଁ ଦେଶ ବିଦେଶରୁ ୨୦୦୦ ରୁ ଉର୍ଦ୍ଧ ଚଳଚିତ୍ର ଆବେଦନ ଆସିଥିଲା ତନ୍ମଧ୍ୟରୁ 'ଦ ଡିଭାଇନ୍ ଡକ୍ଟର୍' କ୍ଷୁଦ୍ର ପ୍ରାମାଣିକ ଚଳଚିତ୍ର ବର୍ଗରେ ପ୍ରଦର୍ଶିତ ହେବାପାଇଁ ସ୍ୱୀକୃତି ଲାଭ କରିଛି ।






ସୂଚନା ଥାଉ, ଏହି ପ୍ରାମାଣିକ ଚଳଚିତ୍ରରେ ଭାରତ ତଥା ବିଶ୍ୱରେ ଘଟୁଥିବା କୀଟନାଶକ ଜନିତ ଆତ୍ମହତ୍ୟା ଭଳି ଗମ୍ଭୀର ସାମାଜିକ ସମସ୍ୟା ଏବଂ ତାର ଶୀଘ୍ର ସମାଧାନ ପାଇଁ ଉଲ୍ଲେଖ ରହିଛି । କୀଟନାଶକ ପିଇ ଆତ୍ମହତ୍ୟା କରୁଥିବା ଅଧିକାଂଶ ଜଣ ଚାଷ ସହିତ ସମ୍ପୃକ୍ତ । ବିଶେଷ କରି ପଶ୍ଚିମ ଓଡ଼ିଶାରେ କୀଟନାଶକଜନିତ ଆତ୍ମହତ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି । ନିକଟରେ ଲଟାମରା 'ପାରାକୁଏଟ୍' ସେବନ କରି ଅନେକ ଲୋକ ପ୍ରାଣ ହରାଇଛନ୍ତି । ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମଧ ଏହି କିଟନାଶକ ପାଇଁ କୌଣସି ଆଣ୍ଟିଡୋଟ ନାହିଁ । ଏହାକୁ ବୁର୍ଲା ଭୀମସାର କିଛି ଯୁବ ଡାକ୍ତରମାନେ ପ୍ରଥମେ ଲୋକଲୋଚନକୁ ଆଣିଥିଲେ ଏବଂ ସେମାନେ କୀଟନାଶକ ପାରାକୁଏଟକୁ ନିଷେଧ କରିବାକୁ ଦାବି କରି ଆସୁଛନ୍ତି । ଏ ସନ୍ଦର୍ଭରେ ଭୀମସାର ଡାକ୍ତର ଶ୍ରୀ ଶଙ୍କର ରାମଚନ୍ଦାନି ଏବଂ ଅନ୍ୟ ସମ୍ପୃକ୍ତ ଡାକ୍ତର ମାନଙ୍କ ବାସ୍ତବିକ ସଂଘର୍ଷର କାହାଣୀ,ଫିଲ୍ମରେ ଚିତ୍ରଣ ହୋଇଛି ।

ଏହି ଚଳଚିତ୍ର ନିର୍ମାଣରେ କ୍ଷୀରୋଦ ମହାରଣା ଭିଡ଼ିଓ ଏଡିଟିଙ୍ଗ, ସୁବୋଧ ମହାରଣା ସାଉଣ୍ଡ, ନବ ହେଣ୍ଡିକ କେମେରା ଏବଂ ପୁଷ୍ପେନ୍ଦୁ ହାଲଦାର ଏସିସଟେ କେମେରାମେନ ଭାବେ ସହାୟତା କରିଛନ୍ତି । ପ୍ରକାଶ ଥାଉ, ଗୌତମ ମିଶ୍ରଙ୍କ ପ୍ରଥମ କ୍ଷୁଦ୍ର ଚଳଚିତ୍ର 'ଖଡିଛୁଆଁ' ଦେଶର ବିଭିନ୍ନ ଚଳଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ହୋଇଛି । ଦ୍ୱିତୀୟ ଚଳଚିତ୍ର 'ଦ ଡିଭାଇନ ଡକ୍ଟର ମଧ ଆନ୍ତର୍ଜାତୀୟ ସ୍ତରରେ ସଫଳ ହେବ ବାଲି ଶ୍ରୀ ମିଶ୍ର ଆଶା କରିଛନ୍ତି ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୪ ତମ ପ୍ରତିଷ୍ଠା ଦିବସ ପାଳିତ



ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୪ ତମ ପ୍ରତିଷ୍ଠା ଦିବସ ଡିଜିଟାଲ ପ୍ଲାଟଫର୍ମରେ ପାଳିତ ହୋଇ ଯାଇଛି । କୁଳପତି ପ୍ରଫେସର ଦୀପକ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅନ୍-ଲାଇନ୍ ସଭାରେ ନାକ୍ ବାଙ୍ଗାଲୁରୁର ନିର୍ଦ୍ଦେଶକ ପ୍ରଫେସର ଏସ୍.ସି ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଅତନୁ କୁମାର ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ନାନକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଅର୍କକେଶରୀ ଦାସ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରତିଷ୍ଠିତ ଉର୍ଦ୍ଦୁ କବି ଜନାବ୍ ସିମ୍‌କାଫ୍ ନିଜାମଙ୍କୁ ୨୦୧୯ ଜାତୀୟ ଗଙ୍ଗାଧର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହାଛଡ଼ା ବିଶିଷ୍ଟ ଲେଖକଙ୍କ ଗବେଷଣାକୁ ନେଇ ପ୍ରସ୍ତୁତ ହୋଇଥିବା 'ପଶ୍ଚିମ ଓଡ଼ିଶାର ପରିଚୟ' ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ବିଶ୍ୱବିଦ୍ୟାଳୟ କୁଳସଚିବ ସୀତାରାମ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଟେନ ଡୁଙ୍ଗୁରୀରେ ଓ ଘେଁସରେ ବୀରତା ଦିବସ

ବରଗଡ଼ : ସୋହେଲା ବ୍ଲକ ଭାଟେନ ଡୁଙ୍ଗୁରୀ ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଓ ଶହୀଦ ବୀର ମାଧୋ ସିଂ ସ୍ମୃତି କମିଟି ପକ୍ଷରୁ ବୀରତା ଦିବସ ପାଳନ କରାଯାଇଛି । ଏଥିରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

ସଭାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଉପଦେଷ୍ଟା ପ୍ରମୋଦ ଝାଙ୍କର ସଭାପତିତ୍ୱ କରିଥିଲେ । ରବି ଚନ୍ଦ୍ର ବୁଡେକ ଅତିଥି ପରିଚୟ ଦେଇଥିଲେ । ଶହୀଦ ବୀର ମାଧୋସିଂ ସ୍ମୃତି କମିଟି ସଭାପତି ଜୀବର୍ଦ୍ଧନ ବରିହା, ଆଦିବାସୀ କଲ୍ୟାଣ ସଂଘ ସଭାପତି କୁଞ୍ଜବିହାରୀ ଭୋଇ, ପଦ୍ମପୁର ଉପଜିଲ୍ଲାପାଳ ତନ୍ମୟ ଦରଓ୍ୱାନ, ଘେଁସ ଜମିଦାର ବଂଶର ରାଜମାତା ତଥା ସରପଞ୍ଚ ମମତା ସିଂ ବରିହା ଓ ପେଟୁପାଲି ଜମିଦାର ବଂଶର ଦାୟାଦମାନେ ମଞ୍ଚାସୀନ ଥିଲେ । ଡ. ସୁବାଷ ମେହେର ସଭା ସଞ୍ଚାଳନ କରିଥିଲେ । ବୀଣାପାଣୀ କଳା ପରିଷଦ କଳାକାର ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ ।




ଏହା ପୂର୍ବରୁ ମନ୍ତ୍ରୀ ଶ୍ରୀ ସିଂହ ସୀମାନ୍ତ ଲୁହୁରାଚଟି ଛକରୁ ବିଜେପୁର ବ୍ଲକ ଲାଉମୁଣ୍ଡା ପର୍ଯ୍ୟନ୍ତ ୩୫ କିଲୋମିଟର ରାସ୍ତାକୁ ଶହୀଦ ବୀର ମାଧୋ ସିଂ ମାର୍ଗ ଭାବରେ ଲୋକାର୍ପଣ କରିଥିଲେ । ସେହିପରି ଲୁହୁରାଚଟି ଛକକୁ ଶହୀଦ ବୀର ହଟେ ସିଂଙ୍କ ନାମରେ ଏବଂ ଭାଟେନଡୁଙ୍ଗୁରୀ ଛକକୁ ଶହୀଦ ବୀର କୁଂଜଲ ସିଂଙ୍କ ନାମିତ ଫଳକ ମନ୍ତ୍ରୀ ଶ୍ରୀ ସିଂହ ଉଦଘାଟନ କରିଥିଲେ ।

ଅପରାହ୍ନରେ ଘେଁସ ଗ୍ରାମ୍ୟ ଉନ୍ନୟନ କମିଟି ତରଫରୁ ଆୟୋଜିତ ବୀରତା ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ସିଂହ ଯୋଗଦେଇ ଶହୀଦ ସ୍ମାରକୀଠାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲ୍ଲା ପରିଷଦ ସଭ୍ୟ ଦୟାନିଧି ପଟେଲ, ଡା. ସୁବାଷ ମେହେର, ଆଡଭୋକେଟ କୁଞ୍ଜ ବିହାରୀ ସାହୁ, ପ୍ରେମରାଜ ସାହୁ, ଗୋକୁଳ ଦାସ, ଅଶୋକ କୁମାର ପୂଜାହାରୀ, ସୁଦାମା ବାରିକଙ୍କ ସମେତ ଗ୍ରାମବାସୀ ସାମିଲ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra